# ୫ ବର୍ଷରେ ୮୯.୮୬ କୋଟି ଟଙ୍କା ମଞ୍ଜୁର

**ଯାଜପୁର ଜିଲାର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ**

- ସହରରେ ୬୪.୯୯ କୋଟି ଟଙ୍କାର ପ୍ରକଳ୍ପ
- ବିରାଟ ଶିବ ମୂର୍ତ୍ତି ନିର୍ମାଣ ଚାଲିଛି

**ଯାଜପୁର,୧୫।୨(ହର୍ଷବର୍ଦ୍ଧନ ବେହେରା) :** ଏକଦା ପ୍ରାଚୀନ ଉତ୍କଳର ରାଜଧାନୀ ଥିବା ବରାହ-ବିରଜା କ୍ଷେତ୍ରରେ ଏତେ ପୌରାଣିକ ଏବଂ ଐତିହାସିକ କୀର୍ତ୍ତିରାଜି ରହିଛି ଯେ, ଏହାକୁ ଏକତ୍ରିକରଣ କଲେ ବିଶ୍ୱ ପର୍ଯ୍ୟଟନ ଓ ସାଂସ୍କୃତିକ ମାନଚିତ୍ରରେ ଯାଜପୁର ଜିଲା ଏକ ସ୍ୱତନ୍ତ୍ର ମାନ୍ୟତା ପାଇ ପାରିବ। ଏହିକ୍ରମରେ ରାଜ୍ୟ ସରକାର ୨୦୧୯-୨୦ ବର୍ଷରୁ ଏପର୍ଯ୍ୟନ୍ତ ପର୍ଯ୍ୟଟନ ଭିତ୍ତିଭୂମିବିକାଶ ପାଇଁ ଜିଲାର ୮୯.୮୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେଥିରୁ ଯାଜପୁର ସହରର ପର୍ଯ୍ୟଟନର ବିକାଶ ପାଇଁ ୬୪.୯୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାସହ କେବଳ ବରାହ ପୀଠର ଉନ୍ନତି ପାଇଁ ବିଭିନ୍ନ ପର୍ଯ୍ୟାୟରେ ୧୧ ଥର ଅନୁଦାନ ମଞ୍ଜୁର କରାଯାଇଛି। ଗତ ବିଧାନସଭାର ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଏଯାଏ ଅଧିକାଂଶ ବୃହତ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ କରି ଅଧିକାରୀ ଓ ଠିକାଦାର ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ସେହିପରି ପୌରାଣିକ ପୀଠ ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ ପାଇଁ ଡିଏମ୍‌ଏଫ୍ ପାଣ୍ଠିରୁ ମଞ୍ଜୁର ପ୍ରାୟ ୬୪ କୋଟି ଟଙ୍କାର ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ, ଯାଜପୁର ସହରର ବରାହ ଦ୍ୱୀପଠାରେ ଭଗବାନ ଶିବଙ୍କ ଏକ ବୃହତ୍ ମୂର୍ତ୍ତି ନିର୍ମାଣ ଚାଲିଛି। ଏଥିପାଇଁ ୨୦୧୯-୨୦ରେ ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପରବର୍ତ୍ତୀ ସମୟରେ ବିରଜା ଓ ବରାହ ପୀଠର ବିକାଶ ପାଇଁ ୨ କୋଟି, ବରାହ ମନ୍ଦିର ନିକଟରେ ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ ପାଇଁ ୨୫ ଲକ୍ଷ, ବରାହ ପୀଠଠାରେ ଉଦ୍ୟାନ ପାଇଁ ୧ କୋଟି, ପୁଣି ବରାହ ପୀଠର ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସର ଫର୍ନିସିଂ କାର୍ଯ୍ୟ ପାଇଁ ୭୨ ଲକ୍ଷ, ଶିବ ଗ୍ୟାଲେରୀ ପାଇଁ ୧.୨୮ କୋଟି, ଟୁରିଷ୍ଟ ଇଣ୍ଟରପ୍ରିଟେଶନ ସେଣ୍ଟର ନାମରେ ପୁଣି ୬ କୋଟି, ଶିବଙ୍କ ମୂର୍ତ୍ତି ନିକଟରେ କଲଚରାଲ ସେଣ୍ଟର ପାଇଁ ୫ କୋଟି, ପୁଣି ଫର୍ନିସିଂ ପାଇଁ ୨ କୋଟି, ପୁଣି ଶିବ ଗ୍ୟାଲେରୀ ପାଇଁ ୬ କୋଟି ଟଙ୍କା, ବରାହ ପୀଠର ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ୩.୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ହେଲେ ଏହି ବରାହ ପୀଠର କୌଣସି ପ୍ରକଳ୍ପ ଏଯାଏ ଲୋକଙ୍କ ପାଇଁ ଉତ୍ସର୍ଗ ହୋଇ ପାରିନାହିଁ। କୁସୁମାରେ ୨ଟି ପର୍ଯ୍ୟାୟରେ ମ୍ୟୁଜିକାଲ ଫାଉଣ୍ଟେନ୍ଟ ପାଇଁ ୬.୬୯ କୋଟି ଟଙ୍କା ମଞ୍ଜୁର ହୋଇ ତାହା କେବଳ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଛି। ଏହାବାଦ୍ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ୧୮୩ ଫୁଟର ଧ୍ୟାନମଗ୍ନ ଶିବ ମୂର୍ତ୍ତି ନିର୍ମାଣ ଚାଲିଛି, ଯାହାକି ଆସନ୍ତା ଶିବରାତ୍ରୀରେ ଲୋକାର୍ପଣ ହେବାର ସମ୍ଭାବନା ରହିଛି ବୋଲି ଜିଲାବାସୀ ଆଶା କରିଥିଲେ। କିନ୍ତୁ କାର୍ଯ୍ୟର ଅଗ୍ରଗତିକୁ ଦେଖିଲେ ଏହା ବି ସମ୍ଭବ ନୁହେଁ ବୋଲି ମନେ ହେଉଛି। ଦିଲ୍ଲୀର ମାତୁରାମ ଆର୍ଟ ନାମକ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଏହା ବିଶ୍ୱର ସବୁଠାରୁ ଉଚ୍ଚ ମୂର୍ତ୍ତି ଭାବେ ପରିଚୟ ପାଇବ ବୋଲି ଦାବି ହେଉଛି। ଯାଜପୁର ସହରରେ ଯେଉଁଭଳି ଭାବେ ପର୍ଯ୍ୟଟନର ବିକାଶ ଚାଲିଛି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ଏଭଳି ବିକାଶ ସାରା ଜିଲାର ସମସ୍ତ ପର୍ଯ୍ୟଟନ ଶିଳ୍ପର ଉନ୍ନତି କରିବାକୁ ସାଧାରଣରେ ଦାବି ହେଉଛି।

ଅନ୍ୟପକ୍ଷେ ବ୍ୟାସସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ତରବରିଆ ଭାବେ କରି ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ କରିବାକୁ ଯୋଜନା ଥିବା ଜଣାପଡିଛି। କିନ୍ତୁ ଏଯାଏ ବ୍ୟାସସରୋବର ଛକଠାରୁ ପ୍ରକଳ୍ପ ପର୍ଯ୍ୟନ୍ତ ଓସାରିଆ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ସରୋବର କାର୍ଯ୍ୟର ପାଚେରୀକୁ ଲାଗି ପାଦଚଲା ରାସ୍ତା ମଧ୍ୟ ଅଧାରେ ଅଟକିଛି। ମନ୍ଦିର ଏବଂ ଗମ୍ବୁଜ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପୁରୁଣା ଭଙ୍ଗା ଗମ୍ବୁଜଗୁଡ଼ିକର ସାମାନ୍ୟ ମରାମତି ଓ ରଙ୍ଗ ଦେଇ କାର୍ଯ୍ୟ ହେବ ବୋଲି ଠିକାସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଏଥିରୁ ଦିଲ୍ଲୀର ସଂପୃକ୍ତ ଠିକାସଂସ୍ଥା କ୍ରିଷ୍ଣା ବିଲ୍‌ଡର ଅନେକ କୋଟି ଟଙ୍କା ହରିଲୁଟ କରୁଥିବା ଅଭିଯୋଗ ହୋଇଛି। ଏହାସହ ଷ୍ଟେନଲେସ ଷ୍ଟିଲ ବଦଳରେ ଲୁହା ପାଇପ୍ ଉପରେ ରଙ୍ଗ ଲଗାଇ ଯେନତେନ ପ୍ରକାରେ କାମ ହେଉଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ବରାହ ପୀଠର ମେଗା ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ ଚାଲିଛି। ଶିବ ମୂର୍ତ୍ତିକୁ ଶିବରାତ୍ରୀ ଦିନ ଉଦଘାଟନ କରାଯିବାର ଯୋଜନା ରହିଛି। ଜିଲାର ଅନ୍ୟ ପ୍ରକଳ୍ପଗୁଡିକ ଉପରେ ମଧ ଧ୍ୟାନ ଦିଆଯାଉଛି।



ଯାଜପୁର ସହରରେ ନିର୍ମାଣାଧୀନ ବିରାଟ ଶିବ ମୂର୍ତ୍ତି।

# ପ୍ରାଚୀନ ବୁଦ୍ଧ ମୂର୍ତ୍ତି ଠାବ



ଉଦ୍ଧାର ହୋଇଥିବା ବୁଦ୍ଧ ମୂର୍ତ୍ତି।

**ଛତିଆ,୧୫।୨(ସୌମ୍ୟ ରଞ୍ଜନ ସାହୁ):** ଯାଜପୁର ଜିଲା ସୀମାନ୍ତ ବର୍ତ୍ତୀ ଛତିଆ ନିକଟ ମାଗୁରା ଧାନମଣ୍ଡଳ ପଞ୍ଚାୟତର ଗଣେଶ୍ୱରପୁର ଜାଗୁଲେଇ ଭେଡ଼ି ଅଞ୍ଚଳରୁ ମିଳିଛି ବୁଦ୍ଧଙ୍କ ଏକ ପ୍ରାଚୀନ ମୂର୍ତ୍ତି। ମୁଣ୍ଡ ନ ଥିବା ଏହି ପ୍ରତିମୂର୍ତ୍ତିର ଓସାର ଅଢ଼େଇ ଫୁଟ ଓ ଉଚ୍ଚତା ସାଢ଼େ ୪ଫୁଟ ରହିଛି। ବିରୁପା ନଦୀ କୂଳରେ ଅବସ୍ଥିତ ଏହି ଗାଁର ବିଲ ମଝିରେ ଥିବା ଏକ କୁଦିଆରେ ଏହାକୁ ଠାବ କରାଯାଇଛି। ବୁଦ୍ଧଙ୍କ ଏହି ଭଗ୍ନାବଶେଷ ସହିତ ଅନେକ ପଥର ସେଠାରେ ପୋତି ହୋଇ ରହିଥିବା ଦେଖିବାକୁ ମିଳିଛି। ତେଣୁ ଏଠାରେ ବୁଦ୍ଧଙ୍କ ଏକ ମନ୍ଦିର ଥିବା ଅନୁମାନ କରିଛନ୍ତି ଇନ୍‌ଟାକ୍‌ର ସଦସ୍ୟମାନେ। ରାଜ୍ୟ ପ୍ରତ୍ନତାତ୍ତ୍ୱିକ ବିଭାଗ ଓ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଦାରା ଏହି ସ୍ଥାନର ସର୍ଭେ କରାଗଲେ ପ୍ରକୃତ ତଥ୍ୟ ମିଳିପାରନ୍ତା ବୋଲି ଇନ୍‌ଟାକ୍‌ର ସଦସ୍ୟ ତଥା ପରିବେଶବିତ୍ ବିଶ୍ୱଜିତ ମହାନ୍ତି କହିଛନ୍ତି। ଅନ୍ୟପଟେ କାହିଁ କେଉଁ କାଳରୁ ଏଠାରେ ବୁଦ୍ଧଙ୍କ ଏହି ମୂର୍ତ୍ତି ପଡ଼ି ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଏଆଇ ସର୍ଭିଲାନ୍ସ

**ଦେଶରେ ପ୍ରଥମ**

- ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍
- ଗୁରୁତ୍ୱପୂର୍ଣ୍ଣ ୧୫୦ ପରୀକ୍ଷା କେନ୍ଦ୍ର ନଜରରେ ରହିବ
- ନୋଡାଲ କେନ୍ଦ୍ରରେ ଲାଇଭ ସିସି କ୍ୟାମେରା

**କଟକ,୧୫।୨ (କାର୍ତ୍ତିକ ସାହୁ)** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରାଯାଉଛି। ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମଥର ପାଇଁ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୧୫୦ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ଏଆଇ ସର୍ଭିଲାନ୍ସ ଜରିଆରେ ନିୟନ୍ତ୍ରଣ କରାଯିବ। ଏଥିସହ ପ୍ରଶ୍ନପତ୍ର ଗଚ୍ଛିତ କରାଯାଉଥିବା ନୋଡାଲ କେନ୍ଦ୍ରରେ ୬୦୦ ଲାଇଭ୍ ସିସି କ୍ୟାମେରା ଲାଗିବ। ଏସବୁର ସିଧାସଳଖ ନିୟନ୍ତ୍ରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏତେସଂଖ୍ୟକ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜ୍ୟରେ ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୧ଟି ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ୍ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ପ୍ରବେଶ ଉପରେ ରୋକ୍ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ଏଆଇ ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରୀକ୍ଷା କେନ୍ଦ୍ରର ପରିଚାଳନା ବ୍ୟବସ୍ଥା ସହ ବୋର୍ଡର ମୁଖ୍ୟାଳୟ ସିଧା ସଂଯୋଗରେ ରହିବ। ଲାଇଭ କ୍ୟାମେରା ଲେନ୍ସରେ ନୋଡାଲ କେନ୍ଦ୍ରଗୁଡ଼ିକ ରହିବ। ଏହି ଦୁଇ ବ୍ୟବସ୍ଥାର ସଂଯୋଗୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟ କରିବା ପାଇଁ ୨୦ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ଆସନ୍ତା ୧୭ ତାରିଖରେ ବୋର୍ଡ ମୁଖ୍ୟାଳୟରେ ପରୀକ୍ଷାମୂଳକ ଭାବେ କରାଯିବ। ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ମାଟ୍ରିକ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ଶୃଙ୍ଖଳିତ କରାଯିବାକୁ ଉଦ୍ୟମ ହୋଇଥିବା ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ଭାଜପା, ବିଜେଡିର ବାହାଘର



ଭାଜପା ଓ ବିଜେଡିର ବାହାଘର କରାଯାଉଛି।

**ଧର୍ମଶାଳା/କାଏମା,୧୫।୨ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଗୁରୁବାର ବ୍ଲକ ସଦର ମହକୁମା ଜାରକାଠାରେ ଭାଜପା ଓ ବିଜେଡି ମଧ୍ୟରେ ବାହାଘର କରାଯାଇଛି। ସତସତିକା ବାହାଘର ପରି ସମସ୍ତ ଆୟୋଜନ କରାଯାଇଥିଲା। ଧର୍ମଶାଳା କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅଭିନବ ଉପାୟରେ ଏହି ବାହାଘର ସମ୍ପାଦନ ହୋଇଥିଲା। କର୍ମୀମାନେ ଜାରକାସ୍ଥିତ ତ୍ରିନାଥ ମନ୍ଦିରରୁ ବାଜାବାଣ ସହିତ ରୋଷଣି କରି ଯାତ୍ରୀଭାବେ ଶାନ୍ତିବଜାରସ୍ଥିତ ଜେମାଶୁଣି ମନ୍ଦିରକୁ ଯାଇଥିଲେ। ସେଠାରେ ବେଦୀରେ ବ୍ରାହ୍ମଣଙ୍କ ମନ୍ତ୍ରପାଠରେ ଯଥାବିଧି ଅନୁଯାୟୀ ବିବାହ କରାଯାଇଥିଲା। କନ୍ୟାଘର ପକ୍ଷରୁ ବରଯାତ୍ରୀଙ୍କ ନିମନ୍ତେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ରାଜ୍ୟରେ ଭାଜପା ଓ ବିଜେଡି ମଧ୍ୟରେ ଗୁପ୍ତ ବୁଝାବଣାରେ ସରକାର ଚାଲୁଛି ବୋଲି କଂଗ୍ରେସ ଅଭିଯୋଗ ଆଣି ସେମାନଙ୍କ ମଧ୍ୟରେ ଏପରି ବିବାହ ବ୍ୟବସ୍ଥା କରାଇଛି ବୋଲି ନେତ୍ରୀ ଆଚାର୍ଯ୍ୟ କହିଥିଲେ। ଏଥିରେ ପିସିସି ପ୍ରଚାର ପ୍ରସାର କମିଟି ସଭ୍ୟା ସନ୍ଧ୍ୟାରାଣୀ ଖୁଣ୍ଟିଆ, ରଶ୍ମିତା ମଲିକ, ସସ୍ମିତା ଦାସ, କଂଗ୍ରେସ ନେତା ମିହିର ମିଶ୍ର, ବୈରାଗୀ ମଲିକ, ପ୍ରଶାନ୍ତ ଜେନା, ଗଙ୍ଗାଧର ମଲିକ, କାଲୁଆ ରାଉତ ଓ ଶୁଭାଶିଷ ରାଉତ ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ଏଭଳି ଏକ ଅଭିନବ ବିବାହ ଆୟୋଜନ ସାଧାରଣରେ ବେଶ କୌତୁହଳ ସୃଷ୍ଟି କରିଛି।

# ଜୀବନ ବୀମା ଉପରେ ସଚେତନତା




**ବରୀ,୧୫।୦୨(ମହେନ୍ଦ୍ର ସ୍ୱାଇଁ):** ଇନସୁରାନ୍ସ ରେଗୁଲେଟାରି ଅଥରିଟି ଅଫ ଇଣ୍ଡିଆ ପକ୍ଷରୁ ଆରମ୍ଭ ହୋଇଛି ପ୍ରତିପରିବାର ବୀମାଭୁକ୍ତ ଯୋଜନା। ୨୦୪୭ ସୁଧା ପ୍ରତିପରିବାରକୁ ବୀମାଭୁକ୍ତ କରିବା ପାଇଁ ସୁଦୂରପ୍ରସାରି ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆରମ୍ଭ ହୋଇଥିବା ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଲିଡ ଇନ୍‌ସୁରାନ୍ସ କମ୍ପାନୀ ଭାରତୀ ଆକ୍ସା ଜୀବନ ବୀମା ସହିତ ରାଜ୍ୟ ସରକାରଙ୍କ ଚୁକ୍ତି ହୋଇଛି। ତେଣୁ ପ୍ରତିବ୍ଲକସ୍ତରରେ ଏନେଇ ସଚେତନତା ଶିବିର ଆୟୋଜନ କରାଯାଉଛି। ଗୁରୁବାର ବରୀ ବ୍ଲକ ସମ୍ମିଳନୀ କକ୍ଷରେ ଏହାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଡିଓ ପଞ୍ଚାନନ ମଲ୍ଲିକ, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ବୀମା କମ୍ପାନୀ ପକ୍ଷରୁ ଆରଏସଏମ୍ ଅଶୋକ ଚୌଧୁରୀ, କ୍ଲଷ୍ଟର ହେଡ୍ ତୁଷାରକାନ୍ତ ଶତପଥୀ, ଜୋନାଲ ଟ୍ରେନର ଦୀପକ ଭକ୍ତ, ଷ୍ଟେଟ୍ ଇନ୍‌ସୁରାନ୍ସ ପ୍ରୋଜେକ୍ଟର ବ୍ରାଞ୍ଚ ମ୍ୟାନେଜର କିଶୋର ରାଉଳ ପ୍ରମୁଖ ଯୋଗଦେଇ ସାଧାରଣ ଜୀବନରେ ଜୀବନ ବୀମାର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହିତ ସାଧାରଣ ଜନତା ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ। ବରୀ ଅଞ୍ଚଳରେ ଭାରତୀ ଆକ୍ସା ବୀମା କମ୍ପାନୀ ଅଧୀନରେ କାର୍ଯ୍ୟକରୁଥିବା ଆଡଭାଇଜର ତଥା ଏମଡିଆରଟି ନିବେଦିତା ନାଥ, ୧୯ଜ୍ୟୋତିରଞ୍ଜନ କର, ଅପୂର୍ବ ରଞ୍ଜନ ସାହୁ, ସତ୍ୟଜିତ ବାରିକ, ଜ୍ୟୋତିରଂଜନ ମଣ୍ଡଳ, ସନ୍ତୋଷ କୁମାର ଦାସ ଓ ଓପିପି ଅଶୋକ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସିବିଏମ୍ ସଞ୍ଜୟ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୂତି



@ ଲିକୁ



@ ବିଶାଳ



@ ଶଶି



@ ନାରାୟଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜି ସରିବ ଓଳାଶୁଣୀ ଗୁମ୍ଫାମେଳା

## ଗୃହ ଉପକରଣ ସାମଗ୍ରୀର ଭଲ ବ୍ୟବସାୟ

**ଚଣ୍ଡିଖୋଲ,୧୫।୨(ପ୍ରଦୀପ୍ତ କୁମାର ପୃଷ୍ଟି):** ଓଳାଶୁଣୀ ଗୁମ୍ଫାମେଳା ଗୁରୁବାର ୧୦ମ ଦିନରେ ପହଞ୍ଚିଛି। ଶୁକ୍ରବାର ମେଳା ଉଦ୍‌ଯାପିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଠାରେ ପଡିଥିବା ପଲ୍ଲିଶ୍ରୀ ମେଳା ୨ ଦିନ ତଳୁ ବନ୍ଦ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ବନ୍ଦ ହୋଇଯାଇଛି। ଏବେ ମେଳା ପଡ଼ିଆରେ ବିଭିନ୍ନ ପ୍ରକାର ଗୃହ ଉପକରଣ ସାମଗ୍ରୀର ଭଲ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି।

### ଲୁହା କତା, ଲୁହାରେ ତିଆରି ଉପକରଣ ବିକ୍ରି

ମେଳାରେ ଲୁହାରେ ତିଆରି କତା, ପନିକି, ଛୁରୀ, କୋଦାଳ, କୁରାଢ଼ୀ ଆଦି ସାମଗ୍ରୀର ଭଲ ବ୍ୟବସାୟ ହେଉଛି। ସେହିପରି ଲୁହାରେ ତିଆରି ଖଡ଼ିକା, ଚଟୁ, କୋରଣା ଆଦି କିଣିବାକୁ ମହିଳାଙ୍କ ଭିଡ ଲାଗି ରହୁଛି। ଅଧିକାଂଶ ମହିଳା ଘର କରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି।

### କାଠ ସାମଗ୍ରୀର ଚାହିଦା

କାଠରେ ତିଆରି ଖଟ, ଆଲମିରା, ଟିପଏ, ଛୋଟ ପିଲାଙ୍କ ପାଇଁ କାଠରେ ତିଆରି ଖେଳଣା, ଗାଡି ଆଦି ବେଶ ଭଲ ବ୍ୟବସାୟ ହେଉଛି। ଅଧିକାଂଶ ମହିଳା ଛୋଟ ପିଲାଙ୍କୁ ସାଥିରେ ଧରି ଯାଉଥିବାରୁ ଘର ସାଜସଜ୍ଜା ଉପକରଣ ସହିତ ଖେଳଣା ସାମଗ୍ରୀ କିଣୁ ଥିବା ଦେଖାଯାଉଛି।

### ଅପେରା ଟିକେଟ ୩୦୦

ମେଳା ପଡିଆରେ ବର୍ତ୍ତମାନ ୩ ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଛନ୍ତି। ଚଳିତ ବର୍ଷ ୭ ଅପେରା ପାର୍ଟି ସେମାନଙ୍କ ଯାତ୍ରା ପରିବେଷଣ କରିଛନ୍ତି। ତେବେ ହଠାତ ଏବେ ମେଳା ପଡ଼ିଆରେ ପଡିଥିବା ଅପେରା ପାର୍ଟି ସେମାନଙ୍କ ଟିକେଟ ମୂଲ୍ୟ ୩୦୦ଟଙ୍କା କରିଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯେଉଁମାନେ ବହୁ ଦୂରରୁ ମେଳା ଦେଖିବାକୁ ଓ ଅପେରା ଦେଖିବାକୁ ଆସୁଛନ୍ତି ସେମାନେ ବାଧ ହୋଇ ଟିକେଟ କରୁଛନ୍ତି। ପାଖାପାଖି ୧୦ କିଲୋମିଟର ପରିଧି ମଧ୍ୟରେ ଆସିଥିବା ବ୍ୟକ୍ତି ଯାତ୍ରା ନ ଦେଖି ଫେରି ଯାଉଛନ୍ତି। ଟକେଟ ମୂଲ୍ୟ ଉପରେ ପ୍ରଶାସନର ନିୟନ୍ତ୍ରଣ ରହୁନାହିଁ।




ପୁଲଓ୍ୱାମାଠାରେ ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ରସୁଲପୁର ବ୍ଲକ୍ ଅଧୀନ ବ୍ରହ୍ମବରଦା ଯୁବକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।



ଜମ୍ମୁ କଶ୍ମୀରର ପୁଲଓ୍ୱାମାଠାରେ ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କୁ ପାଣିକୋଇଲି ତାରିଣୀ ମନ୍ଦିର ପରିସରରେ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

# ଶ୍ୱଶୁରଘରେ ଜ୍ୱାଇଁଙ୍କୁ ହତ୍ୟା

■ ମାଟିତଳୁ ଉଦ୍ଧାର ହେଲା ମୃତଦେହ
■ ଘର ଭିତରେ ପୋତା ଯାଇଥିଲା
■ ମାଟି ଉପରେ ଶିଳ, ଘୋରଣା ରଖାଯାଇଥିଲା
■ ଶାଶୁ, ସ୍ତ୍ରୀ ଓ ସ୍ତ୍ରୀର ପ୍ରେମିକ ଅଟକ
■ ହତ୍ୟାର ଡେମୋ ଦେଖାଇଲେ ସ୍ତ୍ରୀ ଓ ଶାଶୁ
■ ୧୦ ଦିନ ହେଲା ନିଖୋଜ ଥିଲେ ଜ୍ୱାଇଁ

ନୟାଗଡ଼/ଓଡଗାଁ, ୧୫।୨ (ଲୋକନାଥ ମିଶ୍ର / ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନାର କୋମଣ୍ଡ ଛାମୁସାହିରେ ଶ୍ୱଶୁର ଘରର ମାଟି ତଳୁ ଗୁରୁବାର ରାତିରେ ଜ୍ୱାଇଁଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଜ୍ୱାଇଁ ରୋହିବାଙ୍କର ପ୍ରକାଶ ନାୟକ। ସେ ନିଖୋଜ ହେବାର ୧୦ ଦିନ ପରେ ମୃତଦେହ ଉଦ୍ଧାର ହୋଇଛି। ପରକୀୟା ପ୍ରତିକୁ ନେଇ ସ୍ତ୍ରୀ ନିଜ ପ୍ରେମିକ ଓ ମା'ଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଘରେ ପୋତି ଦେଇଥିଲେ। ହତ୍ୟା ଘଟଣାକୁ ଲୁଚାଇବା ଓ ପ୍ରମାଣ ନ ମିଳିବା ନେଇ ପୋତା ଯାଇଥିବା ସ୍ଥାନରେ ଶିଳ, ଘୋରଣା ଆଦି କିଛି ଉପକରଣ ରଖାଯାଇଥିଲା। ଖବର ପାଇ ପୋଲିସ ଛାମୁସାହିରେ ପହଞ୍ଚି ଗୁରୁବାର ରାତିରେ ମାଟି ଖୋଳି ମୃତଦେହ ଜବତ କରିଛି।



ମୃତଦେହ ଉଦ୍ଧାର ବେଳେ ମାଜିଷ୍ଟ୍ରେଟ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଓ ଓଡ଼ଗାଁ ଥାନା ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ପୋଲିସ ସ୍ତ୍ରୀ ଜ୍ୟୋସ୍ନାରାଣୀ, ତାଙ୍କ ପ୍ରେମିକ ପ୍ରତାପ ସାମଲ ଓରଫ ସୋନୁ ଓ ମା'ଡମୁଣି ପ୍ରଧାନଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ମାଟି ତଳୁ ମୃତଦେହ ଉଦ୍ଧାର ପାଇଁ ମା ଓ ଝିଅଙ୍କୁ ସାଙ୍ଗରେ ଧରି ଘରକୁ ପୋଲିସ ଆଣିଥିଲା। ପରେ ଡେମୋ ଦେଖାଇଥିଲେ ମା ଓ ଝିଅ।

ପୋଲିସ ସୂଚନା ଅନୁଯାୟୀ, ରୋହିବାଙ୍କ ଗାଁର ଗୋକୁଳ ନାୟକଙ୍କ ପୁଅ ପ୍ରକାଶ(୩୭) ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ୧୪ ବର୍ଷ ପୂର୍ବେ ପ୍ରକାଶ କୋମଣ୍ଡ ଛାମୁସାହିର ନାଟୁ ପ୍ରଧାନଙ୍କର ଝିଅ ଜ୍ୟୋସ୍ନାରାଣୀ (୩୨)ଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କ ଗୋଟିଏ ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ରହିଛି। ତେବେ ଜ୍ୟୋସ୍ନାରାଣୀଙ୍କ ମକରପଦାର ପ୍ରତାପ ସାମଲ ନାମକ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏଭଳିସ୍ଥଳେ ପ୍ରକାଶ ଶ୍ୱଶୁର ଘରେ ରହି ଆସୁଥିଲେ। କିଛି ଦିନ ତଳେ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପ୍ରେମିକ ସହ ମିଶି ଯୋଜନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଜ୍ୟୋସ୍ନାରାଣୀ ମାଆ। ଯୋଜନା ମୁତାବକ ପ୍ରକାଶଙ୍କୁ ହତ୍ୟା କରାଯାଇ ଘରେ ଗାତ ଖୋଳି ପୋତି ଦିଆଯାଇଥିଲା। ମୃତଦେହ ପୋତିବା ସ୍ଥାନରେ ଶିଳ, ଘୋରଣା ଓ ଘର ଉପକରଣ ରଖି ଦିଆଯାଇଥିଲା। ପୁଅକୁ ନ ପାଇ ବାପା ଗୋକୁଳ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା।

## ଜିଲା କୃଷି ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନ ଉତ୍ସବରେ ଉପସ୍ଥିତ ଅତିଥି।

ନୟାଗଡ଼, ୧୫।୨ (ଲୋକନାଥ ମିଶ୍ର)

ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କ୍ୟାମ୍ପସରେ ଗତ ୧୨ ତାରିଖରେ ଉଦ୍‌ଘାଟିତ ହୋଇଥିବା ନୟାଗଡ଼ ଜିଲା କୃଷି ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ଆତ୍ମାର ଅଧକ୍ଷ ରାଜେନ୍ଦ୍ର କୁମାର ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ହରି ଚରଣ ରଥ, ଜିଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳଇ, ଉଦ୍ୟାନ ବିଭାଗର ଡେପୁଟି ଡାଇରେକ୍ଟର ଲଳିତ କୁମାର ପଣ୍ଡା ଯୋଗ ଦେଇଥିଲେ। ଅପର୍ଣ୍ଣା ପ୍ରୀୟଦର୍ଶିନୀ ମଞ୍ଚ ପରିଚାଳନା କରିଥିଲେ। କୃଷି, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ, ମତ୍ସ୍ୟ ଓ ପ୍ରାଣୀ

### ଜୈବିକ କୃଷିକୁ ଆପଣେଇ ମାଟିକୁ ସ୍ୱାସ୍ଥ୍ୟବାନ କରିବାକୁ ପରାମର୍ଶ

ବିଭାଗ ତରଫରୁ ୨୨ ଟି ଷ୍ଟଲ ପଡିଥିଲା।

**କ୍ଷୋଭ ପ୍ରକାଶ କଲେ ଚାଷୀ:** କୃଷି ମହୋତ୍ସବ ମଞ୍ଚରେ ନବଘନପୁର ସନ୍ତୋଷ ସ୍ୱାଇଁ ନାମକ ଚାଷୀ ଠିଆ ହୋଇ ନିଜର ଦୁଃଖ ଜଣାଇଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ ସେ ଯେଉଁ ପାଣି ପମ୍ପ ମୋଟର କିଣିବାକୁ ଚାହୁଁଥିଲେ ତାକୁ ଅନ୍ୟ ଏକ ମୋଟର କୃଷି ବିଭାଗ ଦେଇଥିଲା। ମୋଟର ପରିବର୍ତ୍ତନ ଯୋଗୁ ଜମିରେ ଫସଲ କରିବା ସୁବିଧା ହେଲା ନାହିଁ। ଅନ୍ୟପକ୍ଷେ ସରକାରୀ ସୁବିଧା ସୁଯୋଗ ସେ ପାଉ ନାହାନ୍ତି। ସାରରେ ସବ୍‌ସିଡି ପାଉ ନାହାନ୍ତି। ଚାଷୀଙ୍କ କ୍ଷୋଭ ଦେଖି ତାଙ୍କୁ ବୁଝଶୁଝା କରି ତଳେ ବସାଇ ଦିଆଯାଇଥିଲା।

## ଦନ୍ତାହାତୀର ମୃତଦେହ ଜବତ

■ ମୃତ ଦନ୍ତାଙ୍କୁ ଜଗିରହିଥିଲେ ହାତୀପଲ
■ ସ୍ୱାଭାବିକ ମୃତ୍ୟୁ ଦର୍ଶାଇଲା ବନ୍ୟପ୍ରାଣୀ ବିଭାଗ
■ ବ୍ୟବଚ୍ଛେଦ ପରେ ୨ ଦାନ୍ତ ଜବତ

ନୟାଗଡ଼/ଗଣିଆ, ୧୫।୨ (ଲୋକନାଥ ମିଶ୍ର / ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଛାମୁଣ୍ଡିଆ ରେଞ୍ଜ ଢିପିସାହି ସେକ୍ସନର କମ୍ପାଟମେଣ୍ଟ-୨ ଶୁଖିଲାବନ୍ଧ ନିକଟରୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଏକ ଦନ୍ତାହାତୀର ମୃତଦେହ ଜବତ କରିଛନ୍ତି। ଦନ୍ତାହାତୀର ୪ଦିନ ତଳେ ସ୍ୱାଭାବିକ ଭାବେ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ବିଳମ୍ବରେ ସଫେଇ ଦିଆଯାଇଛି। ଏହି ଖବର ଜଣାପଡିବା ପରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଠାବ କରିଥିଲେ। ମୃତ ଦନ୍ତାର ଚାରିପଟେ ହାତୀପଲ ଘେରି ରହିଥିଲେ। ସେଥିପାଇଁ ବନ୍ୟପ୍ରାଣୀ କର୍ମଚାରୀମାନେ ହାତୀର ମୃତଦେହ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ହାତୀପଲ କିଛି ଦୂର ଯିବା ପରେ ବନ୍ୟପ୍ରାଣୀ କର୍ମଚାରୀମାନେ ମୃତଦେହକୁ ସେଠାରେ ପୋତି ଦେଇଛନ୍ତି। ଏହାପୂର୍ବରୁ କର୍ମଚାରୀମାନେ ମାଂସ ଲାଗିଥିବା ୨ଟି ଦାନ୍ତ ଜବତ କରିଛନ୍ତି।

ଗୁରୁବାର ଦନ୍ତାହାତୀର ୨ ଦାନ୍ତକୁ ଛାମୁଣ୍ଡିଆ ରେଞ୍ଜ କାର୍ଯ୍ୟାଳୟରେ ତାଲା ପକାଇ ରଖାଯାଇଥିଲା। ଏ ସମ୍ପର୍କରେ କାହାରିକୁ ତଥ୍ୟ ଦିଆଯାଇ ନ ଥିଲା। ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଫାଲଗୁନି ସାରଥି ମଲିକଙ୍କ ସୂଚନା ଅନୁଯାୟୀ, ହାତୀଟି ପ୍ରାଣ ହରାଇଥିବା ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଅନ୍ୟ ହାତୀପଲଙ୍କ ମେଳି ଲାଗି ରହିଥିଲା। ୨୨ଟି ହାତୀ ମୃତଦେହକୁ ଘେରି ରହିଥିଲେ। ବୁଧବାର ହାତୀର ମୃତ୍ୟୁ ଖବର ପାଇବା ପରେ ଖୋଜାଖୋଜି କରି ମୃତଦେହକୁ ଠାବ କରିଥିଲୁ। ତେବେ ହାତୀପଲ ଜଗି ରହିଥିବାରୁ ଆମକୁ ମୃତଦେହ ଉଦ୍ଧାର କରିବାରେ ଅସୁବିଧା ହୋଇଥିଲା। ସନ୍ଧ୍ୟା ପରେ ହାତୀଙ୍କ ମେଳି ଭାଙ୍ଗିଲା ପରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ମୋବାଇଲ ଭେଟେରିନାରି ୟୁନିଟ-୨ ଅନୁଗୋଳ ପ୍ରାଣୀ ଚିକିତ୍ସକ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ପ୍ରାଣୀ ଚିକିତ୍ସକ ମୃତଦେହକୁ ବ୍ୟବଚ୍ଛେଦ କରିଛନ୍ତି। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସୁଧାଂଶୁ ଖୋର ଓ ଭୁବନେଶ୍ୱର ଜଏଣ୍ଟ ଟ୍ୟାକ୍ସ ଫୋର୍ସର ୨ଜଣ ସଦସ୍ୟ ଉପସ୍ଥିତ ଥିଲେ। ବ୍ୟବଚ୍ଛେଦ ପରେ ହାତୀର ମୃତଦେହକୁ ସେଠାରେ ପୋତି ଦିଆଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୬/୨୪)ରୁଜୁ କରାଯାଇ ତଦନ୍ତ କରାଯାଉଛି। ମୃତ ହାତୀର ବୟସ ୫୦ରୁ ୬୦ ବର୍ଷ ଭିତରେ ହେବ। ପ୍ରାୟ ୪ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଜବତ ହାତୀଦାନ୍ତର ଲମ୍ବ ୬ ଫୁଟ ରହିଛି। ଦୁଇଟି ଯାକ ଦାନ୍ତରେ ମାଂସ ଲାଗି ରହିଥିବାରୁ ଓଜନ କରାଯାଇ ନାହିଁ। ତେବେ ଦାନ୍ତର ଓଜନ ଆନୁମାନିକ ୪୦କେଜିରୁ ଉର୍ଦ୍ଧ୍ୱ ହେବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ତଳେ ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ ବାଣିଗୋଛା ସେକ୍ସନ ଦୁର୍ଗାପ୍ରସାଦ ବିଟ୍ ବାଇଶିପଲ୍ଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ବିଲୁଆପଡା ଘାଟିରେ ବିଦ୍ୟୁତ୍‌ଫାଶ ପକାଇ ଏକ ଦନ୍ତାହାତୀକୁ ହତ୍ୟା କରାଯାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲିକୁ



@ ନାରାୟଣ



@ ବିଶାଳ



@ ଶଶୀ



@ ବିଭୂତିଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୀଳମାଧବଙ୍କ ଜାମାଲାଗି ବେଶ ଆରମ୍ଭ

ଖଣ୍ଡପଡ଼ା, ୧୫।୨ (ଅଜୟ କୁମାର ମହାରଣା)

ପବିତ୍ର ବସନ୍ତ ପଞ୍ଚମୀ ତିଥି ବୁଧବାରଠାରୁ ବସନ୍ତଋତୁର ଆରମ୍ଭ ହୋଇଛି। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋ ନୀଳମାଧବଜୀଉଙ୍କ ଜାମାଲାଗି ବେଶ ଆରମ୍ଭ ହୋଇଛି। ଏହାଛଡା ବୁଧବାରଠାରୁ ଠାକୁରଙ୍କ ବାହ୍ୟ ଯାତ୍ରାର ଶୁଭାରମ୍ଭ ହୋଇଥିବା ଦେବୋତ୍ତର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବସନ୍ତଋତୁ ଆରମ୍ଭରୁ ଶ୍ରୀଜୀଉଙ୍କ ବସନ୍ତ ଉତ୍ସବ ମଧ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଜାମାଲାଗି ହୋଇ ପରମ୍ପରା ଅନୁଯାୟୀ ନୀଳମାଧବ ଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ ହୋଇଥିଲେ। ଠାକୁରଙ୍କ ଏହି ଉତ୍ସବ ଆସନ୍ତା ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲୁ ରହିବ। ସୂଚନାଯୋଗ୍ୟ, ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉ ଗତ ଓଢଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ।



ଜାମାଲାଗି ବେଶରେ ଶ୍ରୀଜୀଉ।

## ଚୋରା ବନ୍ଧୁକ ଜବତ, ୫ ଅଭିଯୁକ୍ତ ଜେଲ ଗଲେ

ରଣପୁର, ୧୫।୨ (ସୁକାନ୍ତ କିଶୋର ଡାକୁଆ)

ଆଉ କିଛି ମାସ ପରେ ରାଜ୍ୟରେ ହେବ ବିଧାନସଭା ଓ ଲୋକସଭା ନିର୍ବାଚନ ହେବ। ତାକୁ ଆଖି ଆଗରେ ରଖି ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସାରା ଜିଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ



ଚାଲିଛି। ରଣପୁର ଥାନାର ଇନ୍ସପେକ୍ଟର ପଞ୍ଚାନନ ପରିଡ଼ା ପାଟ୍ରୋଲିଂ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ଭେରୁପଡା ଗ୍ରାମରେ ଚଢ଼ାଉ କରି କାଶୀନାଥ ଦଳାଇ ଓ ନିତ୍ୟାନନ୍ଦ ଦଳାଇଙ୍କ ଠାରୁ ଦୁଇଟି ଚୋରା ବନ୍ଧୁକ ଜବତ କରିଛନ୍ତି। ଏ ନେଇ ରଣପୁର ଥାନାରେ ଏକ ମାମଲା(ନଂ.୬୦ / ୨୦୨୪ )ରୁଜୁ ହୋଇଛି। ସେହିପରି କୁମର ଦଳାଇ ଗ୍ରାମ କ୍ଷେତ୍ରୀ ଭରପୁରଙ୍କଠାରୁ ଏକ ଚୋରା ବନ୍ଧୁକ ଜବତ କରି ତାଙ୍କ ନାମରେ ମାମଲା(ନଂ.୫୯/୨୦୨୪) ରୁଜୁ ହୋଇଛି। ଉପରୋକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଏହି ବନ୍ଧୁକକୁ ବନ୍ୟଜନ୍ତୁ ଶିକାର କରିବାରେ ବ୍ୟବହାର କରୁଥିଲେ ବୋଲି ଜଣାପଡିଛି। ଗିରଫ ବ୍ୟକ୍ତିମାନେ ବନ୍ଧୁକର ଲାଇସେନ୍ସ ଦେଖାଇ ପାରି ନ ଥିଲେ। ସେହିପରି ଚାନ୍ଦପୁର ପୋଲିସ ଦୁଇ ଜଣଙ୍କୁ ଲାଇସେନ୍ସ ବିହୀନ ବନ୍ଧୁକ ବ୍ୟବହାର ଅଭିଯୋଗରେ ଗିରଫ କରିଛି। ଏ ନେଇ ଅପରାହ୍ନରେ ରଣପୁର ଥାନାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଆର୍ମସ ଆଇନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି ବୋଲି ପୋଲିସ ଅଧିକାରୀମାନେ କହିଛନ୍ତି।

# ଆଜି ନୟାଗଡ଼ରେ ଗଡ଼ିବ ଲକ୍ଷ୍ମୀ ବସ୍

■ ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ
■ ପ୍ରଥମ ପର୍ଯ୍ୟାୟରେ ଚାଲିବ ୧୭ ବସ୍
■ ନୟାଗଡ଼ ପାଇଁ ୩୮ ଲକ୍ଷ୍ମୀ ବସ୍ ବ୍ୟବସ୍ଥା

ନୟାଗଡ଼, ୧୫।୨ (ଲୋକନାଥ ମିଶ୍ର)

ଶୁକ୍ରବାର ନୟାଗଡ଼ରେ ଉଦ୍‌ଘାଟନ ହେବ ଲକ୍ଷ୍ମୀବସ ସେବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରି ଲକ୍ଷ୍ମୀବସକୁ ନୟାଗଡ଼ ଜିଲାକୁ ଭେଟି ଦେବାକୁ ଯାଉଛନ୍ତି। ଏଥିପାଇଁ ଶୁକ୍ରବାର ଅପରାହ୍ନ ସାଢ଼େ ୪ଟାରେ ନୟାଗଡ଼ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ସଭା ହେବ। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବସ ଯୋଗେ ଯାତାୟତ ପାଇଁ ନୟାଗଡ଼ ଜିଲାରେ ୩୮ ଲକ୍ଷ୍ମୀବସ ଗଡିବ ବୋଲି ସୂଚନା ମିଳିଛି। ଏଥିପାଇଁ ପ୍ରଥମ ରୁଟ ପ୍ଲାନରେ ୧୭ ବସ ଓ ୨ୟ ରୁଟ୍ ପ୍ଲାନରେ ୧୭ଟି ଏପରି ୩୪ ଲକ୍ଷ୍ମୀ ବସ ନୟାଗଡ଼ରେ ଯାତାୟତ କରିବବେଳି ପ୍ରସ୍ତାବ ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଜିଲାକୁ ୧୭ ବସରୁ ୧୧ଟି ବସ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପହଞ୍ଚିଛି। ଅବଶିଷ୍ଟ ୬ ବସ ରାତିରେ ଆସିପାରେ। ୧୧ଟି ବସ ନୟାଗଡ଼ ଷ୍ଟାଡିୟମରେ ରହିଛି। ଶୁକ୍ରବାର ଲକ୍ଷ୍ମୀବସ ଉଦ୍‌ଘାଟନ ପରେ ୨ଟି ବସ ନୟାଗଡ଼ ବ୍ଲକର ଗମ୍ଭାରିଡିହିକୁ ଯିବ। ବସରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ସରକାରୀ କର୍ମଚାରୀ ଯାଇ ପୁଣି ନୟାଗଡ଼ ଷ୍ଟାଡିୟମକୁ ଫେରିବାର କାର୍ଯ୍ୟକ୍ରମ ରହିଛି। ଲକ୍ଷ୍ମୀବସ ଶୁଭାରମ୍ଭ ପାଇଁ ଜିଲା ପ୍ରଶାସନ



ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଲକ୍ଷ୍ମୀବସ ଚଳାଚଳକୁ ନେଇ ପ୍ରତି ବ୍ଲକ ମୁଖ୍ୟାଳୟରେ ବସଷ୍ଟାଣ୍ଡ ନିର୍ମାଣ ହେଉଛି। ଜିଲାରେ ୮ଟି ବ୍ଲକ ରହିଥିବାବେଳେ ଗଣିଆ ବ୍ଲକରେ ବସଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିଲା। ଗୁରୁବାର ଖଣ୍ଡପଡା ଓ ରଣପୁର ମୋ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତୀ ଉଦ୍‌ଘାଟନ କରିଛନ୍ତି। ନୂଆଗାଁ ବ୍ଲକରେ ନୂଆଗାଁ ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି। ଦଶପଲ୍ଲା, ଓଡ଼ଗାଁ ଓ ନୟାଗଡ଼ରେ ବସଷ୍ଟାଣ୍ଡ ରହିଛି। ଗାଁରୁ ପଞ୍ଚାୟତ, ପଞ୍ଚାୟତରୁ ବ୍ଲକ, ବ୍ଲକରୁ ଜିଲା ସଦର ମହକୁମା ଓ ଜିଲା ସଦର ମହକୁମାରୁ ରାଜଧାନୀ ଭୁବନେଶ୍ୱରରେ ସୁବିଧାରେ ଓ କମ ଖର୍ଚ୍ଚରେ ଲୋକ ପହଞ୍ଚିବା ପାଇଁ ସରକାର ଲକ୍ଷ୍ମୀ ବସ ଯୋଜନା କାର୍ଯ୍ୟକାରୀ କରିଛନ୍ତି।

ଗତ ଅକ୍ଟୋବର ୧୨ରେ ମାଲାକାନାଗିରି ଜିଲା ଷ୍ଟାଡିୟମରେ ଲକ୍ଷ୍ମୀବସର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କଦ୍ୱାରା ହୋଇଥିଲା। ପରେ ଗଜପତି, କଳାହାଣ୍ଡି, କୋରାପୁଟ, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ନବରଙ୍ଗପୁର ଓ ରାୟଗଡାରେ ହୋଇଛି। ସାରା ଓଡିଶାରେ ଲକ୍ଷ୍ମୀ ବସ ଗଡିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ନୟାଗଡ଼ ବ୍ଲକରେ ୪ଟି ଲକ୍ଷ୍ମୀ ବସ ଦିନକୁ ୧୬ ରାଉଣ୍ଡ କରି ୯୪୦ କି.ମି. ପରିକ୍ରମା କରିବ। ରଣପୁର ବ୍ଲକରେ ୬ଟି ଲକ୍ଷ୍ମୀ ବସ ୨୪ ରାଉଣ୍ଡ ପରିକ୍ରମା କରି ୧୩୮୨ କି.ମି. ଅତିକ୍ରମ କରିବ। ସେହିଭଳି ଓଡ଼ଗାଁ ବ୍ଲକରେ ଲକ୍ଷ୍ମୀବସ ୮୩୪ କି.ମି. ଦିନକୁ ଗଡ଼ିବ। ବ୍ଲକ ପାଇଁ ୫ଟି ବସର ସୁବିଧା ରହିଥିବାବେଳେ ୧୪ ରାଉଣ୍ଡ ଦିନକୁ କରିବ। ନୂଆଗାଁ ବ୍ଲକରେ ୪ଟି ଲକ୍ଷ୍ମୀ ବସ ୧୫ ରାଉଣ୍ଡରେ ୧୧୦୬ କି.ମି. ଦିନକୁ ବୁଲିବ। ସେହିପରି ଭାପୁର ବ୍ଲକରେ ୪ଟି ବସ, ଦଶପଲ୍ଲା ବ୍ଲକରେ ୪ଟି, ଗଣିଆ ବ୍ଲକରେ ୩ଟି ବସ ଗଡ଼ିବାର ପ୍ରସ୍ତାବ ଅଛି। ଏଭଳିସ୍ଥଳେ ପ୍ରଥମ ପର୍ଯ୍ୟାୟରେ ୧୭ ବସ ଚଳାଚଳ କଲେ ପ୍ରତି ବ୍ଲକକୁ ୨ଟି ବସ ହିସାବରେ ୧୬ଟି ବସ ରୁଟ୍ କରିପାରେ ବୋଲି କୁହାଯାଉଛି। ତେବେ ୧୭ଟି ବସର ଚଳାଚଳ ନେଇ ଜିଲା ପ୍ରଶାସନ ଓ ସରକାର କିଛି ଘୋଷଣା କରିନାହାନ୍ତି।ଏନେଇ ଆରଟିଓ ପ୍ରଶାନ୍ତ ପରିଡା କୁହନ୍ତି, ଜିଲା ପାଇଁ ୩୮ଟି ଲକ୍ଷ୍ମୀବସ ଆସିବାକୁ ଥିବାବେଳେ ୧୭ଟି ପ୍ରଥମ ପର୍ଯ୍ୟୟରେ ଆସିବ ବୋଲି କୁହାଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୧ଟି ବସ ଆସି ସାରିଛି। ଲକ୍ଷ୍ମୀବସର ଶୁଭାରମ୍ଭ ପରେ ଜିଲାପାଳଙ୍କ ସୂଚନା ଅନୁସାରେ ଲକ୍ଷ୍ମୀବସ ଜିଲାରେ ଗଡ଼ିବ ବୋଲି କହିଛନ୍ତି।

### ବଦଳିପାରେ ଘରୋଇ ବସ୍ କର୍ମଚାରୀଙ୍କ ବ୍ୟବହାର

ଘରୋଇ ବସ ସେବାରେ ଯାତ୍ରୀ ଅତିଷ୍ଠ ହୋଇ ପଡିଥିବାର ଅଭିଯୋଗ ହୋଇ ଆସୁଛି। ଜିଲାବାସୀ ଭୁବନେଶ୍ୱରରୁ ନୟାଗଡ଼କୁ ମୋ ବସ ଚଳାଚଳ କରିବାକୁ ଦାବି କରୁଥିଲେ। ଲକ୍ଷ୍ମୀବସ ସେବା ସରକାର ନୟାଗଡ଼ରେ ଉଦ୍‌ଘାଟନକୁ ନେଇ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି। ନୟାଗଡ଼ରୁ ଭୁବନେଶ୍ୱର ଯାଉଥିବା ଯାତ୍ରୀ ଠିକ୍ ସେବା ପାଉ ନ ଥିବା ଅଭିଯୋଗ ରହିଛି। ପ୍ରଥମତଃ କିଲୋମିଟର ହିସାବରେ ସରକାର ଧାର୍ଯ୍ୟ କରିଥିବା ଟଙ୍କାରୁ ଅଧିକ ଭଡା ଘରୋଇ ବସ ପକ୍ଷରୁ ନିଆ ଯାଉଛି। ତେବେ ବୋଲଗଡ଼, ବେଗୁନିଆ, ଖୋର୍ଦ୍ଧା ପରି ଅଞ୍ଚଳକୁ ଗଲେ ସିଟ୍‌ରେ ବସିବାକୁ ମିଳୁନି। ଭୁବନେଶ୍ୱର ଗଲେ ଆଜ୍ଞା ଆପଣ କହି ସିଟ୍ ଦେଉଛନ୍ତି। ଘରୋଇ ବସରେ ଯାତ୍ରୀ ଠେଲାପେଲା ହୋଇ ଆସୁଛନ୍ତି। ଲକ୍ଷ୍ମୀ ବସ ଚଳାଚଳ ପରେ ଘରୋଇ ବସ କର୍ମଚାରୀଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିପାରେ ବୋଲି ମତ ପ୍ରକାଶ ପାଇଛି। ଲକ୍ଷ୍ମୀବସର ଉଦ୍‌ଘାଟନ ତାରିଖ ଘୋଷଣା ପରେ ଘରୋଇ ବସ ମାଲିକ ଚିନ୍ତିତ ହୋଇ ପଡିଛନ୍ତି। ଲକ୍ଷ୍ମୀବସର ଚଳାଚଳ ପରେ ଗାଁ, ବ୍ଲକ, ଜିଲାର ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ଭାଜପାକୁ ବର, ବିଜେଡିକୁ କନ୍ୟା ସଜାଇ ବାହାଘର

କଳିଙ୍ଗନଗର,୧୫।୨(ଶୁଭାଶିଷ ରାଉତ): ଦାନଗଦି ଓ ସୁକିନ୍ଦା କଂଗ୍ରେସ ତରଫରୁ ଦାନଗଦି କଂଗ୍ରେସ କାର୍ଯ୍ୟାଳୟଠାରେ ଭାଜପା ଓ ବିଜେଡି ମଧ୍ୟରେ ବାହାଘର କରାଯାଇଛି। ସୁକିନ୍ଦାର ପୂର୍ବତନ ଯୁବକଂଗ୍ରେସ ସଭାପତି କୃପାସିନ୍ଧୁ ସାମନ୍ତରାୟଙ୍କ ନେତୃତ୍ୱରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କଂଗ୍ରେସ କର୍ମୀମାନେ ଏକ ପଟୁଆରରେ ଦାନଗଦି ବଜାର ପରିକ୍ରମା କରିଥିଲେ। ଏଥିରେ ରଞ୍ଜିତ ରାଜ, ବିଭୁଭୂଷଣ ରାଉତ, ମହେନ୍ଦ୍ର ଦାସ, ରାଇଚରଣ ମହାନ୍ତି, ଉମାକାନ୍ତ ଜେନାମଣି, ଅଜିତ ନାୟକ, ସୁରଜିତ ରାଉତ, ଭବାନୀ ଦେଓ, ପ୍ରଭାତ ସାମନ୍ତ, ଚର୍ତୁଭୁଜ ବେହେରା, କଳ୍ପତରୁ ଧଳ, ସେକ ବଦ୍ରିଉଦ୍ଦିନ, ଚଞ୍ଚଳ ମହାପାତ୍ର, ଜନ୍ମଜୟ ବଳ ଓ ବାଙ୍କନିଧି ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଫଟୋରେ ପାନଛେପ ପଡ଼ିବାକୁ ନେଇ ଉତ୍ତେଜନା

ଯାଜପୁର,୧୫।୨(ହର୍ଷବର୍ଦ୍ଧନ ବେହେରା) : ଯାଜପୁର ଜିଲା ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରଙ୍କ ପକ୍ଷରୁ କୟାକଳ୍ପ ଟିମ୍ ଶୁକ୍ରବାର ପରିଦର୍ଶନ ନିମନ୍ତେ ଆସୁଛନ୍ତି। ଏଥିପାଇଁ ମେଡିକାଲ କର୍ମଚାରୀମାନେ ଡାକ୍ତରଖାନା ପରିସର ସଫାସୁତୁରା କରୁଛନ୍ତି। ଏଥି ସହିତ ପାର୍କ, ପାର୍କିଂ, ରାମ୍ପ, ରେଲିଂ ଆଦି ନିର୍ମାଣ କରାଯିବା ସହିତ ମେଡିକାଲ କୋଠାକୁ ଯନୂତନ ରଙ୍ଗରେ ସଜାଯାଇଛି। ଏଭଳି ସ୍ଥିତିରେ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାଙ୍ଗକୁ ଦେଖାକରିବାକୁ ଗୁରୁବାର ଖୋସାଲପୁର ଗ୍ରାମର ହିମାଂଶୁ ସାହୁ ଆସିଥିଲେ। ହେଲେ ଭୁଲ ବଶତଃ କାନ୍ଥରେ ଲଗାଯିବାକୁ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଉପରେ ସେ ପାନ ଛେପ ପକାଇ ଦେଇଥିଲେ। ମେଡିକାଲ କର୍ମଚାରୀ ଏହାକୁ ବିରୋଧ କରିଥିଲେ। ଫଳରେ ପ୍ରାୟ ଅଧ ଘଣ୍ଟା ଧରି ମେଡିକାଲ ପରିସର ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳପୁର ପୋଲିସ ପହଞ୍ଚି ହିମାଂଶୁଙ୍କୁ ଥାନାରେ ଅଟକ ରଖିଲା ପରେ ଉତ୍ତେଜନା ଶାନ୍ତ ପଡିଥିଲା ।

### ୭ମ ଦିନରେ ବିସ୍ଥାପିତ ପରିବାରଙ୍କ ଧାରଣା

କଳିଙ୍ଗନଗର,୧୫।୨(ଶୁଭାଶିଷ ରାଉତ): ନୀଳାଚଳ ଇସ୍ପାତ ନିଗମ ପାଇଁ ବିସ୍ଥାପିତ ପରିବାରର ସଦସ୍ୟମାନେ ନିଯୁକ୍ତି ଦାବି କରି କାରଖାନା ସମ୍ମୁଖରେ ଦେଇଥିବା ଧାରଣା ଗୁରୁବାର ୭ମ ଦିନରେ ପହଞ୍ଚିଛି। ହେଲେ କାରଖାନା କର୍ତ୍ତୃପକ୍ଷ ଆଲୋଚନା କରି ଏହାର ସମାଧାନ ନ କରିବା ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଏହି ଧାରଣାସ୍ଥଳରେ ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷ ତଥା କଂଗ୍ରସ ନେତା ବିଦ୍ୟାଧର ମହାନ୍ତି, ସିଆଇଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକ, କେକେସି ନେତା ପରକ୍ଷିତ ମଳିକ ପ୍ରମୁଖ ପହଞ୍ଚି ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ସଭା ପ୍ରାରମ୍ଭରେ କଳିଙ୍ଗନଗର ଠିକା ଶ୍ରମିକ ସଂଘ ନେତା ସୁଧାଂଶୁ ଶେଖର ସାହୁ ସୂଚନା ଦେବା ସହିତ ସରକାରଙ୍କ ନୀରବତାକୁ ସମାଲୋଚନା କରିଥିଲେ।

### ପାରିଆ ପଞ୍ଚାୟତରେ ସଚେତନତା ଶିବିର

ବଡ଼ଚଣା,୧୫।୨(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ପାରିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଲୋକଙ୍କ ସେବା ପାଇଁ ନବୀନ ପଟ୍ଟନାୟକ ସମସ୍ତ ପ୍ରକାର ତ୍ୟାଗ କରିବାକୁ ବଦ୍ଧପରିକର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ଅରବିନ୍ଦ ସାମଲ, ମିଶନ ଶକ୍ତିର ଦୀପ୍ତିମୟୀ ବାରିକ, ଏମ୍‌ବିକେ ନମିତା ରାଉତ, ସାମାଜିକ କର୍ମୀ କାର୍ତ୍ତିକ ବିଶ୍ୱାଳ, ବିଜୟ କୁମାର ପଣ୍ଡା, ଦେବାଶିଷ ବିଶ୍ୱାଳ ଓ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ପୂର୍ବତନ ସରପଞ୍ଚ ମାନସ ପଣ୍ଡା ଶିବିର ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପାଲା, ଘୋଡ଼ାନଚ ପ୍ରଦର୍ଶନ କରଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଆର୍‌ଏସ୍ ଦୀପ୍ତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଗ୍ରାମବାସୀଙ୍କ ଭରସା ଖୋଲା କୂଅ

## କାମରେ ଲାଗୁନି ପାନୀୟଜଳ ପ୍ରକଳ୍ପ


ମହିଳାମାନେ କୂଅରୁ ପାଣି ସଂଗ୍ରହ କରୁଛନ୍ତି।

କାଏମା,୧୫।୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବିପୁଳ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି ଯେଉଁଠାରେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ତାହା ମଧ୍ୟ ଗୋଟିଏ ପରେ ଗୋଟିଏ ଅଚଳ ହେବାରେ ଲାଗିଛି। ଅନ୍ୟ କେତେକ ପ୍ରକଳ୍ପର ପାଣି ପିଇବା ଉପଯୋଗୀ ହେଉନାହିଁ। ଫଳରେ ଲୋକେ ପାଣି ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତର ଖପରାଡ଼ିଅ ଗ୍ରାମରେ। ଏଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାରରେ ୨୦୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ପିଇବା ପାଣି ମିଳି ପାରୁନାହିଁ। ଏବେ ଖୋଲା କୂଅ ସେମାନଙ୍କ ଭରସା ପାଲଟିଛି।

ଏଠାରେ ପାନୀୟ ଜଳ ସମସ୍ୟାଥିବାରୁ ୧୦ ବର୍ଷ ପୂର୍ବେ ଏକ ସରକାରୀ ନଳକୂପ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସେଥିରୁ ବାହାରୁ ଥିବା ପାଣିରେ ଆଇରନ ରହୁଥିବାରୁ ତାହା ପିଇବା ଉପଯୋଗୀ ହେଉନାହିଁ। ନିର୍ବାଚନ ସମୟରେ ନେତାମାନେ ଆସି ପାଣି ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦିଅନ୍ତି, ହେଲେ ପରେ ସବୁ ଭୁଲି ଯାଆନ୍ତି। ତେଣୁ କିଛି ଉପାୟ ନ ପାଇ ସେହି ଗ୍ରାମର ଶେଷମୁଣ୍ଡରେ ଜଣେ ବ୍ୟକ୍ତିଙ୍କ ଖୋଲା କୂଅ ଉପରେ ସମସ୍ତ ଗ୍ରାମବାସୀ ଭରସା କରୁଛନ୍ତି। ଖୋଲା କୂଅ ପାଣି ପିଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ହେଉଥିଲେ ବି ବିଶୁଦ୍ଧ ପାଣି ଅଭାବରୁ ଜୀବନ ବଞ୍ଚାଇବା ପାଇଁ ଲୋକେ ଏହି କୂଅ ପାଣିକୁ ବ୍ୟବହାର କରୁଛନ୍ତି। ଖାଲି ଏତିକି ନୁହେଁ, ଖରାଦିନେ ରାତି ୨ଟାରୁ ଏଠାରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥାଏ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମକୁ ପାଇପ ପାଣି ବ୍ୟବସ୍ଥା କରାଯାଇଛି। କିନ୍ତୁ ସେଥିରୁ ଗୋଳିଆ ପାଣି ବାହାରୁ ଥିବାରୁ ତାହା ପିଇବା ଉପଯୋଗୀ ହେଉନାହିଁ। ତାହାକୁ କିଛି ସମୟ ରଖିଲେ ହଳଦିଆ ରଙ୍ଗର ଏକ ଆବରଣ ପଡ଼ିଯାଉଛି। ରୋଷେଇ ପାଇଁ ମଧ୍ୟ ସେ ପାଣିକୁ ବ୍ୟବହାର କରି ହେଉନାହିଁ। ଆଗକୁ ଖରାଦିନ ଆସୁଥିବାରୁ ଗ୍ରାମବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅତୁଲ ମଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ହେଲେ ଅନେକ ଲୋକେ ଏହାକୁ ଚାଷ ପାଇଁ ବ୍ୟବହାର କରୁଛନ୍ତି। ଫଳରେ ବହୁ ଲୋକ ପିଇବା ପାଣି ପାଉନାହାନ୍ତି। ଏ ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେଇ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଛତିଆ,୧୫।୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତ ହାଟଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସ୍ୱତନ୍ତ୍ର ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଧାନମଣ୍ଡଳ ସରପଞ୍ଚ ନବଦୀପ ନାୟକ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ ଓ ଛତିଆ ସମିତିସଭ୍ୟ ଦୀପକ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରେ ଘୋଡ଼ାନାଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ କଳାକାରମାନେ ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ବହୁ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରଗଡ଼ି,୧୫।୨(ଜତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅଧୀନ ପାଟରଙ୍ଗା ପଞ୍ଚାୟତ ଗୋହିରା ଗଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପରିଡ଼ା ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ପିଲାଙ୍କ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥିଭାବେ ସିଆର୍‌ସିସି ଚିତ୍ତରଞ୍ଜନ ନନ୍ଦ ଯୋଗଦେଇ ଗାନ୍ଧିଜୀଙ୍କ ପରି ସ୍ୱଷ୍ଟବାଦୀ ଓ ଦେଶଭକ୍ତ ହେବାପାଇଁ ପିଲାମାନଙ୍କୁ କହିବା ସହ ସଂସ୍କାର ଓ ସ୍ଥିରତା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କର, ଶିକ୍ଷୟିତ୍ରୀ ବିଳାସୀ ବାରିକ, ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ସାହୁ ଓ ସହକାରୀ ଶିକ୍ଷକ ବସନ୍ତ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା ଶିବିର


ବଡ଼ଘୁମୁରି ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବଡ଼ଚଣା,୧୫।୨(ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଘୁମୁରି ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିଥିଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ସାମାଜିକ କର୍ମୀ ଶିବଶଙ୍କର ପରିଡ଼ା, ରାମଚନ୍ଦ୍ର ସ୍ୱାଇଁ, ମିହିର ଖୁଣ୍ଟିଆ, ମାନସ ପୃଷ୍ଟି, ରାଜେନ୍ଦ୍ର ସ୍ୱାଇଁ, ନିବେଦିତା ସାହୁ, ମମତା ମଞ୍ଜରୀ ସ୍ୱାଇଁ, କଳ୍ପନା ପୃଷ୍ଟି ଓ ସୁରେଶ ପୃଷ୍ଟି ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ରାଜ୍ୟର ବହୁ ପ୍ରତିଷ୍ଠିତ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ କର୍ମୀ ଭବାନୀ ଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଆର୍‌ଏସ ଅନନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ପ୍ରାକ୍ତନ ପ୍ରାଧ୍ୟାପକ ନିହାର ଜେନାଙ୍କ ପରଲୋକ



ଯାଜପୁରରୋଡ୍,୧୫।୨(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ପ୍ରାଧ୍ୟାପକ ନିହାରରଞ୍ଜନ ଜେନାଙ୍କ ୭୪ ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଯାଇଛି। ଅଢେଇ ମାସ ତଳେ ଏକ ଦୁର୍ଘଟଣାରେ ସେ ଗୁରୁତର ହେବା ସହ ସ୍ନାୟୁଗତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ଯାଜପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ, ଛାତ୍ରୀଛାତ୍ର ଧବଳଗିରି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ଜେନା ଫକୀରମୋହନ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ, ଭଦ୍ରକ ପାଳିଆବିନ୍ଧା କଲେଜ, କାମାକ୍ଷାନଗର ମହାବିଦ୍ୟାଳୟ ଓ ଭୁବନ ବାଜୀରାଉତ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ, ପରୋପକାରୀ, ସାମାଜିକ କର୍ମୀ ଓ ନିର୍ଭିକ ଶିକ୍ଷକ ନେତା ଥିଲେ। ତାଙ୍କର ଅବର୍ତ୍ତମାନରେ ଏକ ବିରାଟ ଶୂନ୍ୟସ୍ଥାନ ସ୍ଥାନ ସୃଷ୍ଟି ହୋଇଛି ବୋଲି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ଡ. ଦୁଷ୍ମନ୍ତ ନାୟକ ଏବଂ ଆଇନଜୀବୀ ସୁଧାଂଶୁ ଶେଖର ଦାସ ମତବ୍ୟକ୍ତ କରିଛନ୍ତି। ମରଶରୀରକୁ ଶୋଭାଯାତ୍ରାରେ ବ୍ୟାସନଗର ମହାବିଦ୍ୟାଳୟକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଅଜାତଶତ୍ରୁ ମୁଖାଗ୍ନି ଦେଇଥିଲେ।

# ଓଜନକଣ୍ଟାରେ ଜାଲିଆତିକୁ ନେଇ ମଣ୍ଡି ଘେରିଲେ ଚାଷୀ


ପାଲଟପୁର ପାକ୍ସରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

ଯାଜପୁର,୧୫।୨(ହର୍ଷବର୍ଦ୍ଧନ ବେହେରା): ସରକାର କୃଷକମାନଙ୍କର ବିକାଶ ନିମନ୍ତେ ବିଭିନ୍ନ ଯୋଜନାରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେଜଣ ସରକାରୀ କର୍ମଚାରୀ ଓ ମିଲରଙ୍କ ଅସାଧୁ ମେଣ୍ଟ ଯୋଗୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଅମଳ କରୁଥିବା ଚାଷୀ ଠକାମିର ଶିକାର ହେଉଛନ୍ତି। ଏହାର ଉଦାହରଣ ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ପାଲଟପୁର ପାକ୍ସରେ ଦେଖିବାକୁ ମିଳୁଛି । ଓଜନ କଣ୍ଟାରେ ଜାଲିଆତି କରାଯାଇ କୁଇଣ୍ଟାଲ ପିଛା ୪ କେଜି ଲେଖାଏ ଧାନ କମ୍ ଦର୍ଶାଯାଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ପାଲଟପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସରପଞ୍ଚ ଲିପିକା ମଲିକ,ପୀତବାସ ବେହେରା, ଅନନ୍ତ ଦାସ,ଅମୂଲ୍ୟ ବେହେରା, ପ୍ରକାଶ ଧଳ,କ୍ଷୀରୋଦ କୁମାର ନାୟକ, ଅକ୍ଷୟ ଦାସ, ତ୍ରିଲୋଚନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ଇଷ୍ଟର୍ଣ୍ଣ ମିଲର ଟ୍ରକକୁ ଦୀର୍ଘ ସମୟ ଧରି ଅଟକ ରଖି ହଟ୍ଟଗୋଳ କରିଥିଲେ । ଖବର ପାଇ ଜିଲା ସହକାରୀ ସମବାୟ ନିବନ୍ଧକ ନିବେଦିତା ସାମଲ, ପାକ୍ସ ସମ୍ପାଦକ ବିଶ୍ୱଜିତ୍ ଧଳ ଟେକ୍ନିକାଲ ଟିମ ସହ ଘଟଣାସ୍ଥଳରେ ପହଞ୍ଚି କଣ୍ଟାରେ ଥିବା ତ୍ରୁଟିକୁ ସ୍ୱୀକାର କରିବା ସହିତ କଣ୍ଟା ହୋଇସାରିଥିବା ପ୍ରତ୍ୟେକ ଚାଷୀଙ୍କୁ କୁଇଣ୍ଟାଲ ପିଛା ୪ କେଜି ଲେଖାଏଁ ଧାନ ମିଲର ଫେରସ୍ତ କରିବାକୁ ସ୍ଥିର ହୋଇଥିଲା। ଏହାପରେ ଚାଷୀମାନେ ଶାନ୍ତ ପଡିଥିଲେ ।

# କାୟାକଳ୍ପ ପ୍ରତିନିଧି ଦଳର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅନୁଧ୍ୟାନ



ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ପ୍ରତିନିଧିଦଳ।

ଯାଜପୁରରୋଡ୍,୧୫।୨ (ପବିତ୍ର ରଞ୍ଜନ ମହାନ୍ତି): କାୟାକଳ୍ପର ଏକ ୩ ଜଣିଆ ପ୍ରତିନିଧି ଦଳ ଗୁରୁବାର ଅପରାହ୍ନରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ଚିକିତ୍ସା ସେବାର ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ବରିଷ୍ଠ ଚିକିତ୍ସା ବିଶେଷଜ୍ଞ ଡାକ୍ତର ରାମକୃଷ୍ଣ ଶତପଥୀ, ପ୍ରାଣଗୋପାଳ ଦାସ ଓ ଦିବ୍ୟରଞ୍ଜନ ମହାପାତ୍ର ରହିଥିଲେ। ରାଜ୍ୟ ସହକାରୀ ପ୍ରୋଗ୍ରାମ ପରିଚାଳକ(ଏସ୍‌ଏପିଏମ) ଏବଂ ଜିଲା ପ୍ରୋଗ୍ରାମ ପରିଚାଳକ (ଡିପିଏମ୍) ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ କର୍ମଚାରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ପ୍ରତିନିଧି ଦଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ପୃଷ୍ଟିଙ୍କ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# କିଶୋରୀ ସଚେତନତା ମେଳା


କିଶୋରୀମାନେ ରଙ୍ଗୋଲି ଆଙ୍କୁଛନ୍ତି।

ରସୁଲପୁର,୧୫।୨(ରଞ୍ଜିତ ରାଉତ): ଯାଜପୁର ଜିଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ମହିଳା ଶିଶୁ ବିକାଶ ବିଭାଗ ମିଳିତ ସହଯୋଗରେ ଗୁରୁବାର ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଆନୁକୂଲ୍ୟରେ କିଶୋରୀ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁ ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ସମ୍ମାନିତ ଅତିଥି ବଡ଼ରମ୍ପେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାଶ, ବ୍ଲକ ଭାରପ୍ରାପ୍ତ ମହିଳା ଶିଶୁ ବିକାଶ ଅଧିକାରୀ ସତ୍ୟଭାମା ବେହେରା, ସୁପରଭାଇଜର ବିଷ୍ଣୁପ୍ରିୟା ଦାସ, ପ୍ରେମଲତା ମହାନ୍ତି, ମିନାକ୍ଷୀ ଦାଶ ଓ ନାଏବ ସରପଞ୍ଚ କେଦାର ଦେଓ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୧୦ରୁ ୧୯ବର୍ଷର ଶତାଧିକ କିଶୋରୀ ସେମାନଙ୍କ ପାରାକାଷ୍ଠା ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ କିଶୋରୀମାନେ ନାନା ରଙ୍ଗୋଲି ଆଙ୍କିବା ସହ ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମୀ ସୁମିତ୍ରା ବିହାରୀ, ଶାନ୍ତିଲତା ପଣ୍ଡା, ସଞ୍ଜୁଲତା ଦେଓ, ସବିତା ସାହୁ, ଦେବସ୍ମିତା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଙ୍ଗନୱାଡି କର୍ମୀ ନିରୁପମା କର ଧନ୍ୟବାଦ ଦେଇଥିଲେ।

# ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ନୀଳାଦେଈପୁର-ଚାନ୍ଦପୁର ରାସ୍ତା


ରାସ୍ତାରୁ ପିଚୁ ଉଠିଯାଇଛି।

କାଏମା,୧୫।୨(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ନିର୍ବାଚନମଣ୍ଡଳୀର ଗ୍ରାମ୍ୟ ନିର୍ମାଣ ବିଭାଜନ-୨ ଜାରକା କାର୍ଯ୍ୟାଳୟ ଅଧୀନ ନୀଳାଦେଈପୁର ଛକଠାରୁ ଚାନ୍ଦପୁର ପର୍ଯ୍ୟନ୍ତ ୨.୫୦୦ କି.ମି. ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି।

ଏହି ରାସ୍ତା ୨୦୧୭ ଅକ୍ଟୋବରରେ ନିର୍ମାଣ କରାଯାଇଥିଲା। ଏହାକୁ ରକ୍ଷଣାବେକ୍ଷଣ ପାଇଁ ନିର୍ମାଣ ଦିନଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ଠିକାଦାରଙ୍କୁ ଦିଆଯାଇଥିଲା। ଏଥିପାଇଁ ୮ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କିନ୍ତୁ ରାସ୍ତା ନିର୍ମାଣ ଦିନଠାରୁ ମରାମତି କରାଯାଇ ନ ଥିଲା। ଏବେ ୭ ବର୍ଷ ପରେ ସମ୍ପୃକ୍ତ ଠିକାଦାର ମରାମତି ଆଳରେ ରାସ୍ତାରେ ନିମ୍ନମାନର ପିଚୁ ବିଛାଇଥିଲେ। ଗତ ସୋମବାର ରାସ୍ତା ମରାମତି କରାଯାଇଥିଲେ ମଧ୍ୟ ପିଚୁ ଉଠି ଯାଉଥିବା ଦେଖିବାକୁ ମିଳିଛି। ରାସ୍ତା କାମ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିଲେ। ତେଣୁ ଖବର ପାଇ ଏହାକୁ ଅନୁଧ୍ୟାନ ପାଇଁ ଗୁରୁବାର ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀ ଆସିଥିଲେ। ଏହି ସମୟରେ ଉକ୍ତ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ସେମାନେ ଗାଡ଼ି ନ ଅଟକାଇ ପଳାଇ ଯାଇଥିଲେ। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ରାସ୍ତାକୁ ପୁନର୍ବାର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସାଙ୍ଗରେ ଯିବେନି ଅଧିକାଂଶ କଂଗ୍ରେସ କର୍ମୀ

- ଅଂଶୁମାନଙ୍କ ଇସ୍ତଫା ପରେ ରାଜନଗର ରାଜନୀତି ଉଷ୍ମ
- ବିଜେଡିରେ ମିଶିବା ଚର୍ଚ୍ଚାକୁ କର୍ମୀଙ୍କ ବିରୋଧ

ରାଜନଗର, ୧୫।୨ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସରୁ ଇସ୍ତଫା ଦେବା ପରେ ରାଜନଗର ରାଜନୀତି ଉଷ୍ମ ହୋଇପଡ଼ିଛି। ଇସ୍ତଫାର ୪୮ ଘଣ୍ଟା ପରେ ବି ଅଂଶୁମାନ କେଉଁ ଦଳକୁ ଯିବେ ତା'ର ସ୍ପଷ୍ଟ ଚିତ୍ର ମିଳି ନ ଥିଲେ ମଧ୍ୟ ବିଜେଡିକୁ ଯିବା ଏକ ପ୍ରକାର ନିଶ୍ଚିତ ବୋଲି ଚର୍ଚ୍ଚା ବଢ଼ିଛି। ଅଂଶୁମାନ ଇସ୍ତଫା ଦେବା ପରେ ତାଙ୍କର ଅନୁଗତମାନେ ଗୁରୁବାର ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କ ନିକଟରେ ପହଞ୍ଚି ସମୂହ ଇସ୍ତଫା ଦରଖାସ୍ତରେ ଦସ୍ତଖତ କରାଇଛନ୍ତି। ଏହି ଇସ୍ତଫା ଦସ୍ତଖତ ଅଭିଯାନ ବେଳେ ରାଜନଗରରେ କେତେଜଣ ପଞ୍ଚାୟତସ୍ତରୀୟ ନେତା କଂଗ୍ରେସରେ ରହିବେ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଥିବା ଜଣାପଡ଼ିଛି। ତମ ସ୍ୱାର୍ଥ ପାଇଁ ତୁମେ ଯାଉଛ, ଆମେ କଂଗ୍ରେସରେ ଅଛୁ, କଂଗ୍ରେସରେ ରହିବୁ ବୋଲି କହିବା ପରେ ଅଂଶୁମାନ ଅକଳରେ ପଡ଼ିଛନ୍ତି। ସେପଟେରେ ବିଜେଡିରେ ମିଶିବା ଚର୍ଚ୍ଚା ବଢୁଥିବାରୁ ବିଜେଡିର କର୍ମୀ, ପଞ୍ଚାୟତସ୍ତରୀୟ ନେତା, ଏପରିକି ବ୍ଲକସ୍ତରୀୟ ନେତା ଖୋଲାଖୋଲି ଅଂଶୁମାନଙ୍କୁ ବିରୋଧ କରିଛନ୍ତି। ଯାହାକି ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି।

ଅଂଶୁମାନ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ପରଠୁଁ ନିଜ ମୋବାଇଲ ସୁଇଚ୍ ଅଫ୍ ରଖିଛନ୍ତି। ତାଙ୍କ ଅନୁଗତମାନେ ଅଂଶୁମାନ କେଉଁ ଦଳକୁ ଯିବେ, ସେ ନେଇ ମୁହଁ ଖୋଲୁନାହାନ୍ତି। ଗୁରୁବାର ତାଙ୍କର ଅନୁଗତମାନେ ସମୂହ ଇସ୍ତଫା ଦେଉଥିବା ଲେଖାଥିବା ଦରଖାସ୍ତ ଧରି ପଞ୍ଚାୟତ ସଭାପତି, ଆଗଧାଡ଼ିର କର୍ମୀଙ୍କ ପାଖରେ ପହଞ୍ଚି ଦସ୍ତଖତ ମାରିବାକୁ କହିଥିଲେ। ରାଜନଗରରେ କେତେଗୋଟି ପଞ୍ଚାୟତରେ କର୍ମୀମାନେ ଇସ୍ତଫା ଦରଖାସ୍ତରେ ଦସ୍ତଖତ କରିନାହାନ୍ତି। ଆମେ କଂଗ୍ରେସରେ ଥିଲୁ, ଅଂଶୁମାନ ଆସି ମିଶିଥିଲେ, ଆମେ କଂଗ୍ରେସରେ ଅଛୁ ଓ ରହିବୁ, ତମେ ରୋଜଗାର କରିବାକୁ ବିଜେଡିକୁ ଯାଉଛି ବୋଲି କହିଛନ୍ତି। କଂଗ୍ରେସର ଜିଲା ଓବିସି ସଭ୍ୟ ମଳୟ କୁମାର ଦାସ, ପଟ୍ଟାମୁଣ୍ଡାଇ ନଗର ସଭାପତି ଅମୂଲ୍ୟ ପ୍ରଧାନ, ହରେକୃଷ୍ଣ ମଲ୍ଲିକ, ନିରଞ୍ଜନ ବେରା ପ୍ରମୁଖ ଆଗଧାଡ଼ିର ନେତାମାନେ କଂଗ୍ରେସ ଛାଡ଼ିବେ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ମାତ୍ର ୪୪ ହଜାର ଭୋଟ ପାଇଥିବା କଂଗ୍ରେସର ଅଧାରୁ ଅଧିକ କର୍ମୀ କଂଗ୍ରେସ ଛାଡ଼ିବେ ନାହିଁ ବୋଲି କହିବା ପରେ ଅଂଶୁମାନ ନିଜ ସମ୍ପର୍କରେ ରାଜ୍ୟ ନେତୃବୃନ୍ଦଙ୍କୁ ଯେଉଁ ସୁନେଲି ସ୍ୱପ୍ନ ଦେଖାଇ ଥିଲେ, ତାହା ମଉଳିବାରେ ଲାଗିଛି।

ଅନ୍ୟପକ୍ଷରେ ରାଜନଗର ବିଧାୟକ ୨୦୧୪ରେ ନିର୍ବାଚନ ଲଢ଼ି ମାତ୍ର ୫ ହଜାର ଭୋଟରେ ପରାଜିତ ହୋଇଥିଲେ। ଏହା ପରଠୁଁ ଅନୁଷ୍ଠିତ ସମସ୍ତ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରିଛି। ରାଜନଗର ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ସମେତ ପଟ୍ଟାମୁଣ୍ଡାଇ ପୌର ପରିଷଦ ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ଗଠନ ହୋଇଛି। ଆମ ସୁଖ ଦୁଃଖରେ ସାମିଲ ଥିବା ବିଧାୟକ ସାହୁଙ୍କ ସହ ଆମେ ରହିବୁ। ଆମେ ପରିଶ୍ରମ କରି ସଙ୍ଗଠନ କରିଛୁ। ଅଂଶୁମାନଙ୍କୁ ଆମେ ଗ୍ରହଣ କରିପାରିବୁ ନାହିଁ ବୋଲି ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ କହିଛନ୍ତି। କେବଳ ଗଣେଶ କି ଲକ୍ଷ୍ମୀଧର ନୁହନ୍ତି, ବିଜେଡିରେ ଅଂଶୁମାନଙ୍କୁ ନେଇ ତୀବ୍ର ବିରୋଧାଭାସ ସୃଷ୍ଟି ହୋଇଛି।

## ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ

ରାଜକନିକା, ୧୫।୨ (ସଞ୍ଜୟ କୁମାର ଦାଶ)

ଆଳି ନିର୍ବାଚନମଣ୍ଡଳୀ ୨୭ ନଂ. ଜୋନ୍ ସିହପଡ଼ା ପଞ୍ଚାୟତରେ ଭାଜପାର ଗାଁକୁ ଚାଲ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ କନିକା ମଣ୍ଡଳ ସଭାନେତ୍ରୀ ଅନୁରାଧା ସାମଲଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାର ବାର୍ତ୍ତା ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଭାଜପା ନେତା ତଥା ପ୍ରଧାପକ ବୈକୁଣ୍ଠନାଥ ପରିଡ଼ା, ସଂଯୋଜକ ରଶ୍ମିରଞ୍ଜନ ବେହୁରା, ନାରୀ ନେତ୍ରୀ ଆଶାଲତା ପଟ୍ଟନାୟକ, ବେଣୁଧର ପରିଡ଼ା, ୨୯ ନଂ. ମଣ୍ଡଳ ସଭାପତି ନିହାର ରଞ୍ଜନ ନାୟକ, ନିହାର ରଞ୍ଜନ ସ୍ୱାଇଁ, ପଞ୍ଚାନନ ନାୟକ, ଧୀରେନ ମଲ୍ଲିକ, ମନୋରଞ୍ଜନ ବାରିକ, ଶରତ ବାରିକ, ଜଗନ୍ନାଥ ପଣ୍ଡା, ଶ୍ରୀନିବାସ ଦାସ, ସୁବାସ ବେହେରା, ମଦନ ମଲ୍ଲିକ, ଜୟନ୍ତ ମଲ୍ଲିକ, ସିପୁ ଦାସ, ଦୀପୁ ବାରିକ, ପିଣ୍ଟୁ ନାୟକ, ଅମର ଦାସ, ଅମୀୟ ମଲ୍ଲିକ, କିଶୋର ନାୟକଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପିତ


ବ୍ଲକ ଅଧ୍ୟକ୍ଷା ମିନତି ରାଉତ ଫିତା କାଟି ରାଜକନିକା ଆମ ବସ୍ ଷ୍ଟାଣ୍ଡକୁ ଉଦ୍‌ଘାଟନ କରୁଛନ୍ତି।

ରାଜକନିକା, ୧୫।୨ (ସଞ୍ଜୟ କୁମାର ଦାଶ)

ରାଜ୍ୟର ୧୩ଟି ଜିଲାରେ ଗୁରୁବାର ଏକ ସମୟରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ହୋଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ଆମ ବସ ଷ୍ଟାଣ୍ଡ ଲୋକାର୍ପିତ ହୋଇଯାଇଛି। ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍‌ଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ରାଜକନିକା ବ୍ଲକର ଏହି ନବନିର୍ମିତ ଆମ ବସ୍ ଷ୍ଟାଣ୍ଡକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ଅତିଥି ଭାବେ ଯୋଗଦେଇ ଫିତାକାଟି ଉଦ୍‌ଘାଟନକରି ପଞ୍ଚାୟତରୁ ଜିଲାସ୍ତରରେ ବସବାସ କରୁଥିବା ସମସ୍ତ ଜନସାଧାରଣ ଉପକୃତ ହେଇପାରିବେ ବୋଲି କହିଥିଲେ। ଏଥିରେ ପିଡି ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଏହି ବସ୍‌ଷ୍ଟାଣ୍ଡ ବ୍ଲକରୁ ଜିଲା ଏବଂ ପଞ୍ଚାୟତରୁ ବ୍ଲକ ମଧ୍ୟରେ ଏମିତିକି ରାଜଧାନୀ ଭାୟା ବ୍ୟବସାୟୀ ପେଣ୍ଠସ୍ଥଳ କଟକ ମଧ୍ୟରେ ସରକାରୀ ବସ୍ ଚଳାଚଳ କରିବ। ଅତି ସହଜ ଓ ସୁବିଧାରେ ସାଧାରଣ ଲୋକ ଯାତାୟାତ କରିପାରିବେ। ଏହାବାଦ୍ ସବୁଦିନ ରାଜଧାନୀ ଭାୟା କଟକକୁ ଯାତାୟାତ କରୁଥିବା ସମସ୍ତ ସରକାରୀ ଓ ବେସରକାରୀ ବସ୍ ମଧ୍ୟ ଏହି ବସ୍ ଷ୍ଟାଣ୍ଡରୁ ଛାଡ଼ିବ। ଭୁବନେଶ୍ୱରକୁ ପାଠ ପଢ଼ିବାକୁ ଯାତାୟାତ କରୁଥିବା କଲେଜ ଛାତ୍ରୀଛାତ୍ରମାନେ ମଧ୍ୟ ଏହି ବସ୍‌ରେ ଖୁବ୍ କମ୍ ମୂଲ୍ୟରେ ଯାଇପାରିବେ ବୋଲି ସୂଚନା ଦେଇଛନ୍ତି। ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇ ଆମ ଅଞ୍ଚଳର ବହୁଦିନର ସ୍ୱପ୍ନ ମୁଖ୍ୟମନ୍ତ୍ରୀ ପୂରଣ କରିଛନ୍ତି। ନବନିର୍ମିତ ବସ୍‌ଷ୍ଟାଣ୍ଡରୁ ସମସ୍ତ ସରକାରୀ ବସ୍, ଲକ୍ଷ୍ମୀ ବସ୍ ସମେତ ବେସରକାରୀ ବସ୍ ଗୁରୁବାରଠାରୁ ଚଳାଚଳ କରିବ ବୋଲି ସେ କହିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ବ୍ଲକ ମିଶନ ଶକ୍ତି ସଂଯୋଜକ ସୁଶାନ୍ତ କୁମାର ମଲ୍ଲିକ, ପ୍ରଦୀପ୍ତ ରାଉତ, କୁମର ନାୟକ, ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସଂଯୁକ୍ତା ଶତପଥୀଙ୍କ ସମେତ ଏସ୍‌ଏଚ୍‌ଜିର ମହିଳା, ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଯୁକ୍ତ ୨ ପରୀକ୍ଷାରେ ୧୨,୩୪୯ ଛାତ୍ରୀଛାତ୍ର

କେନ୍ଦ୍ରାପଡ଼ା, ୧୫।୨ (ଜଗନ୍ନାଥ ଧଳ)

ଶୁକ୍ରବାରଠାରୁ ଯୁକ୍ତ ୨ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୨୦ରେ ସରିବ। ଚଳିତ ଶିକ୍ଷାବର୍ଷରେ ଏହି ପରୀକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲାର ୧୨,୩୪୯ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସରିଛି। ୭ଟି ସ୍ଥାନରେ ପ୍ରଶ୍ନପତ୍ର ହବ ରହିଥିବା ବେଳେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଦିନ ସମ୍ପୃକ୍ତ ବିଷୟର ପ୍ରଶ୍ନପତ୍ର ସକାଳ ସାଢ଼େ ୮ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଚଳିତ ବର୍ଷ ଜିଲାରେ ମୋଟ ୪୫ ପରୀକ୍ଷା କେନ୍ଦ୍ର ହୋଇଛି। ଏହି କେନ୍ଦ୍ରଗୁଡ଼ିକରେ ସିସିଟିଭି ସର୍ଭିଲାନ୍ସ ରହିବ। ଏହାବ୍ୟତୀତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ


ବିଧାୟକ ଧ୍ରୁବ ସାହୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରୁଛନ୍ତି।

ରାଜନଗର, ୧୫।୨ (ଭାସ୍କର ରାଉତରା)

ରାଜନଗର ବ୍ଲକ ସଦରମହକୁମାସ୍ଥିତ ଶ୍ରୀଦଧିବାମନଜୀଉ ମନ୍ଦିର ପରିସରରେ ରାଜନଗର ପଞ୍ଚାୟତ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ରଙ୍କ ସଭାପତିତ୍ୱ ଓ ସାମାଜିକ କର୍ମୀ ପବିତ୍ର ମୋହନ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, କବି ଅଭିରାମ ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଭଲ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀଅଧିକାରୀ ବିଜୟ କୁମାର ସେଠୀ, ନାଏବ ସରପଞ୍ଚ ବାଇଧର ସେଠୀ, ଜିଆରଏସ୍ ଇତିଶ୍ରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଈଶ୍ୱରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପାତ୍ର, ଉପାଧ୍ୟକ୍ଷ ଗୁଡ଼ିଆ, ସମିତିସଭ୍ୟା ଶଶିକଳା ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରକାନ୍ତ ଭ୍ରମରରାୟ ପରିଚାଳନା କରିଥିବା ବେଳେ ମୋହନ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଣଶିକ୍ଷକ କର୍ମଚାରୀ ସଂଘ ନୂଆ ସଭାପତି ମନୋନୀତ


ସଭାପତିଙ୍କୁ କର୍ମଚାରୀମାନେ ଶୁଭେଚ୍ଛା ଜଣାଉଛନ୍ତି।

ଜଗତ୍‌ସିଂହପୁର, ୧୫।୨
(ପ୍ରମୋଦ କୁମାର ନାୟକ)

### ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ

ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଣଶିକ୍ଷକ କର୍ମଚାରୀ ସଂଘ ସାଧାରଣ ଅଧିବେଶନ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଦସ୍ୟମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂଆ ସଭାପତି ଭାବେ ରସାୟନ ବିଭାଗର ଡେମୋନଷ୍ଟ୍ରେଟର ଚିତ୍ତରଞ୍ଜନ ଦାସଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏ ସମ୍ପର୍କରେ ଏକ ପ୍ରେସ୍ ଇସ୍ତାହାରରେ ଦର୍ଶାଯାଇଛି, ସଂଘ ସମ୍ପାଦକ ନିରଞ୍ଜନ ପାତ୍ର ପ୍ରଥମେ ଦାସଙ୍କୁ ସଭାପତି କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ସଂଘର ଅନ୍ୟ ସଦସ୍ୟମାନେ ବହୁମତରେ ସମର୍ଥନ କରିଛନ୍ତି। ଦାସ ସଭାପତି ହେଲା ପରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସଦସ୍ୟମାନଙ୍କ ଯଥୋଚିତ ଦାବି ଓ ସମସ୍ୟାଗୁଡ଼ିକର ସମାଧାନ କ୍ଷେତ୍ରରେ ବିଶେଷ ଦାୟିତ୍ୱବାନ ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ନୂଆ ସଭାପତିଙ୍କୁ ସଦସ୍ୟମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଅଧ୍ୟକ୍ଷ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକ, ମୁଖ୍ୟ କିରାଣି ଭାଗବତ ମୁଦୁଲି ଓ ସମସ୍ତ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଦାସ କୃତଜ୍ଞତା ଜଣାଇଛନ୍ତି।

## ସ୍ୱାମୀ ବିବେକାନନ୍ଦ ପାଠାଗାର ପାଇଁ ଭୂମି ପୂଜନ

କୁଜଙ୍ଗ/କଟକ, ୧୫।୨
(ମନୋଜ ପ୍ରଧାନ/ଶିଳ୍ପା ପ୍ରିୟଦର୍ଶିନୀ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ସ୍ୱାମୀ ବିବେକାନନ୍ଦ ପାଠାଗାର ପ୍ରତିଷ୍ଠା ନିମନ୍ତେ ମହିମା ଅଲେଖ ଧର୍ମର ରୀତିନୀତି ଅନୁଯାୟୀ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପାଠାଗାର ୨୦୧୮-୧୯ରେ ପଞ୍ଜୀକୃତ ହୋଇଥିଲା। ଏହା ପ୍ରତିଷ୍ଠା ହେବା ଫଳରେ ଶିକ୍ଷା ସମାପ୍ତପରେ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ବିଦ୍ୟାର୍ଥୀ ସହରାଭିମୁଖୀ ନ ହୋଇ ଏହି ପାଠାଗାର ପ୍ରକୋଷ୍ଠରେ ନିଜକୁ ପ୍ରସ୍ତୁତ କରିପାରିବେ। ଏଥିସହ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଏମିତି ଏକ ସୁନ୍ଦର ଓ ଅଭିନବ ପ୍ରୟାସକୁ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ ଓ ଯୁବଗୋଷ୍ଠୀ ପ୍ରଶଂସା କରିଛନ୍ତି ।


ପାଠାଗାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ବିକାଶମୂଳକ ସରକାରୀ ଯୋଜନା ଘରେ ଘରେ ପହଞ୍ଚାଅ

ପଟ୍ଟାମୁଣ୍ଡାଇ, ୧୫।୨ (କଳ୍ପତରୁ ନାୟକ)

### ଅମୃତମଣୋହିରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବ୍ଲକର ଅମୃତମଣୋହି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ପଞ୍ଚାୟତର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି। ଏହି ଅନୁଦାନରେ ବିଭିନ୍ନ ବିକାଶ ମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା ଓ ଅମୃତମଣୋହି ପଞ୍ଚାୟତ ପୂର୍ବତନ ସରପଞ୍ଚ କୁଳମଣି ମଲ୍ଲିକଙ୍କ ପୌରୋହିତ୍ୟ ଓ ଯୁବନେତା ସିଦ୍ଧାର୍ଥ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ। ଏହି ସଭାରେ ସରପଞ୍ଚ ନିରୁପମା ଦାସ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ, କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ଦାସ, ପୂର୍ବତନ କୃଷି ଅଧିକାରୀ ସତ୍ୟାନନ୍ଦ ଦାସ, ପୂର୍ବତନ ଏବିଇଓ ସନାତନ ତରାଇ, ସଙ୍ଗୀତଜ୍ଞ ସୁଧାଂଶୁ ଦାସ, ପୂର୍ବତନ ସମିତିସଭ୍ୟ ପ୍ରଭାତ ସେଠୀ, ପିଇଓ ପ୍ରଭାତ ମଲ୍ଲିକ, ଜିଆରଏସ ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସରକାରୀ ଯୋଜନା ସମ୍ପର୍କ ଜନସଚେତନତା ସୃଷ୍ଟି କରିଥିଲେ। ଶେଷରେ ପ୍ରଭାତ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବହୁ ସଂଖ୍ୟକ ମହିଳାପୁରୁଷ ଓ ଯୁବକମାନେ ଯୋଗ ଦେଇଥିଲେ।

## ଫାଇନାଲରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ

ଡେରାବିଶ, ୧୫।୨ (ବେବର୍ତ୍ତା ଅଜୟ ଦାସ)

### ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଡେରାବିଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଡେରାବିଶ ମିନିଷ୍ଟାଡିୟମରେ ଚାଲିଥିବା ୫୧ତମ ବାର୍ଷିକ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ା ଜିଲାର ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବକୁ ହରାଇ ଯାଜପୁର ଜିଲାର ଇଲେଭେନଷ୍ଟାର କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ଇଲେଭେନ ଷ୍ଟାର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୦୫ ରନ କରିଥିଲା। ଜବାବରେ ପଞ୍ଚୁପାଣ୍ଡବ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୯୦ରନ କରି ପରାଜିତ ହୋଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ଅମ୍ପାୟର ପ୍ଳାବନ କୁମାର ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚାଳନା କରିଥିଲେ। ପରେ ଟୁର୍ଣ୍ଣାମେଣ୍ଟ ଆୟୋଜକ କ୍ଲବର କର୍ମକର୍ତ୍ତା ସାହାଜାହାନ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପାଟକୁରା ଭାଜପାର ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁରର ଇଲେଭେନ ଷ୍ଟାର ଦଳର ଅଲରାଉଣ୍ଡର ଶିବ ସୁନ୍ଦର ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମ୍ୟାଚ ପୂର୍ବରୁ ବରେଣ୍ୟ ଅତିଥି ଭାବେ ଭାଜପାର ଜିଲା ସମ୍ପାଦିକା ତଥା ବରିଷ୍ଠ ନାରୀନେତ୍ରୀ ମନିଷା ପଣ୍ଡା ଯୋଗଦେଇ ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ଖେଳର ଶୁଭାରମ୍ଭ କରିଥିଲେ। ଖେଳରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ଚିରଞ୍ଜିବି ବଳ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶ୍ରୀକାନ୍ତ ମହାରାଣା ଭାଷ୍ୟକାର ଦାୟିତ୍ୱ ବହନ କରିଥିଲେ। ପରିଚାଳନାରେ ଡେରାବିଶ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ।



ଭାଜପା ନେତା ତେଜେଶ୍ୱର ପରିଡ଼ା ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଭଗବାନପୁରରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ପାଟକୁରା, ୧୫।୨
(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତ ପରିସରରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ସରପଞ୍ଚ ରାଜେନ୍ଦ୍ର କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତର ଜନସାଧାରଣ ଓ ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟମାନେ ଭାଗ ନେଇଥିଲେ। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସରପଞ୍ଚ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ ପକ୍ଷରୁ କେହି ଆସି ନ ଥିବା ଦେଖିବାକୁ ମିଳିଥିଲା।

## ପେସା ମାଛ ବ୍ୟବସାୟ, ନିଶା ଫୁଲ ଉଦ୍ୟାନ

ପାରାଦୀପ, ୧୫।୨ (ଶରତ ରାଉତ)

### ଫୁଲପ୍ରେମୀ ଗୟାଧର

- ଘର ଛାତ ଉପରେ ଆକର୍ଷଣୀୟ ଫୁଲ ବଗିଚା
- ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତି ଫୁଲ ଫୁଟିଛି



ଘର ଆଗରେ ଫୁଲ ଗଛଟିଏ ଥିଲେ ତାକୁ ଦେଖି ମନ ଟିକିଏ ପୁଲକିତ ହୁଏ। ଆଉ ଯଦି ରଙ୍ଗ ବେରଙ୍ଗର ଫୁଲ ଓ ବାସ୍ନା ଗୋଟିଏ ଜାଗାରେ ଦେଖିବାକୁ ମିଳେ ସେଠାରେ ଆପଣା ଛାଏଁ କିଛି ସମୟ ଅଟକି ଯିବାକୁ ମନହୁଏ। ସେଥିପାଇଁ ପ୍ରାୟତଃ ସରକାରୀ ବେସରକାରୀ ଅଫିସ, ଅତିଥି ଭବନ, ଆଗରେ ଫୁଲ ବଗିଚା କରାଯାଇଛି। କିନ୍ତୁ ପାରାଦୀପର ଜଣେ ମାଛ ବ୍ୟବସାୟୀ ତାଙ୍କର ନିଜ ଘର ଛାତ ଉପରେ ଏମିତି ଫୁଲ ସମ୍ଭାର କରିଛନ୍ତି ଯେ କେହି ତାକୁ ଦେଖି ଖୁସି ଅନୁଭବ କରିବ। ସେ ହେଉଛନ୍ତି ତୈଳ ବିଶୋଧନାଗାର ରାସ୍ତା ପାଖରେ ଥିବା ନିମିଡ଼ି ଗାଁର ଗୟାଧର ତରାଇ। ତାଙ୍କର ଏହି ଫୁଲ ବଗିଚା କରିବା ନିଶା ତାଙ୍କୁ ଭିନ୍ନ ପରିଚୟ ଦେଇଛି। ଅପରାହ୍ନ ହେଲେ କେତେଜଣ ସରକାରୀ ଅଫିସର, ତୈଳ ବିଶୋଧନାଗାର ଅଫିସର କର୍ମଚାରୀ ଓ ସାଧାରଣ ଲୋକ ତାଙ୍କ ଫୁଲ ବଗିଚା ଦେଖିବା ପାଇଁ ଯାଉଛନ୍ତି। ସେ ଛାତ ଉପରେ ପ୍ରାୟ ହଜାରରୁ ଅଧିକ ଫୁଲ କୁଣ୍ଡିଆରେ ଫୁଲ ବଗିଚା ସଜାଇଛନ୍ତି। ଛାତ ବ୍ୟତୀତ ପାଚେରି ଉପରେ, ଘର ଆଗ ଓ ସମ୍ମୁଖ ରାସ୍ତାରେ ମଧ୍ୟ ଫୁଲ ଗଛ ରହିଛି। ଏବେ ଶୀତଦିନେ ଉକ୍ତ ଫୁଲଗଛଗୁଡ଼ିକରେ ଅଧିକ ରଙ୍ଗ ବିରଙ୍ଗର ଫୁଲ ଫୁଟିଛି। ସେଥିମଧ୍ୟରେ ଡାଲିଆ ୩୦ ପ୍ରକାର, ସେବତୀ ୧୫ ପ୍ରକାର, ଦେଶୀ ଗୋଲାପ ପ୍ରାୟ ୫ ପ୍ରକାର ରଙ୍ଗର ରହିଛି। ଏହାଛଡ଼ା ଚେରୀ, କେଳିକୁସୁମ, ଗେଣ୍ଡୁ, ଇନକା, ମୁର୍ଗା, ସଦାବିହାରୀ, ଆଷ୍ଟ୍ରୋ, ସାଲିମିଆ, ଟିକିନିଆ, ମନ୍ଦାର, ଭଳି ଅନେକ ପ୍ରଜାତିର ଫୁଲ ଫୁଟିଛି। ଏପରି ବଗିଚା କରିବା ସମ୍ପର୍କରେ ଗୟାଧର କୁହନ୍ତି, ୨୦୦୪ରେ ଘର କରିବା ପରେ ପ୍ରଥମେ ହାତଗଣତି ଫୁଲକୁଣ୍ଡ ରଖିଥିଲି। ପରବର୍ତ୍ତୀ ସମୟରେ ତାହା ବୃଦ୍ଧି ପାଇବାରେ ଲାଗିଛି।ଏପରିକି ଏବେ ନିଶାରେ ପରିଣତ ହୋଇଗଲାଣି। କେଉଁଠି ଭଲ ଫୁଲ ଚାରା ଦେଖିଲେ ତାକୁ ସଂଗ୍ରହ କରିଥାଏ। ଫୁଲ ଗଛର ଯତ୍ନ ନେବା ପାଇଁ ରାତି ୩ ଟାରୁ ଉଠି କାମରେ ଲାଗିଯାଏ। ସକାଳ ୫ ଟା ସୁଦ୍ଧା କାମ ସାରି ମାଛ ବେପାର ପାଇଁ ପାରାଦୀପ ମାଛଧରା ବନ୍ଦର ଯିବାକୁ ପଡୁଛି। ସେଠାରୁ ସନ୍ଧ୍ୟାରେ ଫେରିବା ପରେ ପୁଣି ଗଛ ସେବାରେ ନିୟୋଜିତ ହୋଇଥାଏ।ଏଥିରେ ସ୍ତ୍ରୀ ରୀନାବତୀଙ୍କର ମଧ୍ୟ ଅନେକ ଅବଦାନ ରହିଛି। ବେଳେବେଳେ ସେ ଆବଶ୍ୟକ ଅନୁସାରେ ପାଣି ଦେଇଥାନ୍ତି। ଏସବୁ ଫୁଲ ଗଛକୁ ଦେଖିଲେ ଭାରି ଭଲ ଲାଗେ ଏପରିକି ମୋର ମାନସିକ ଚାପ ମଧ୍ୟ ଅନେକ ସମୟ କମିଯାଏ।

# ମାଟ୍ରିକ୍ ପରୀକ୍ଷାରେ ଏଆଇ ସର୍ଭିଲାନ୍ସ

**ଦେଶରେ ପ୍ରଥମ**
- ବୋର୍ଡ ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍
- ଗୁରୁତ୍ୱପୂର୍ଣ୍ଣ ୧୫୦ ପରୀକ୍ଷା କେନ୍ଦ୍ର ନଜରରେ ରହିବ
- ନୋଡାଲ କେନ୍ଦ୍ରରେ ଲାଇଭ ସିସି କ୍ୟାମେରା

କଟକ,୧୫।୨ (କାର୍ତ୍ତିକ ସାହୁ)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ଭିଲାନ୍ସର ଉପଯୋଗ କରାଯାଉଛି। ଏଭଳି ବ୍ୟବସ୍ଥା ଦେଶରେ ପ୍ରଥମଥର ପାଇଁ ହେଉଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୧୫୦ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କେନ୍ଦ୍ରକୁ ଏଆଇ ସର୍ଭିଲାନ୍ସ ଜରିଆରେ ନିୟନ୍ତ୍ରଣ କରାଯିବ। ଏଥିସହ ପ୍ରଶ୍ନପତ୍ର ଗଚ୍ଛିତ କରାଯାଉଥିବା ନୋଡାଲ କେନ୍ଦ୍ରରେ ୬୦୦ ଲାଇଭ୍ ସିସି କ୍ୟାମେରା ଲାଗିବ। ଏସବୁର ସିଧାସଳଖ ନିୟନ୍ତ୍ରଣ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ମୁଖ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ, ୭୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩୦୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏତେସଂଖ୍ୟକ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜ୍ୟରେ ମୋଟ୍ ୩୦୪୭ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୧ଟି ସ୍କ୍ୱାଡ୍, ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୭୨ଟି ସ୍କ୍ୱାଡ୍ କରାଯାଇଛି। ଏହାବାଦ୍ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରିଚାଳନା ବ୍ୟବସ୍ଥା ତଦାରଖ କରିବେ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ପ୍ରବେଶ ଉପରେ ରୋକ୍ ଲଗାଯାଇଥିବାବେଳେ ପରିଚାଳନା ବ୍ୟବସ୍ଥାକୁ ପୂର୍ବାପେକ୍ଷା ଅଧିକ କଡ଼ାକଡ଼ି କରାଯାଇଛି। ଏଆଇ ସର୍ଭିଲାନ୍ସ ବ୍ୟବସ୍ଥା ଦ୍ୱାରା ପରୀକ୍ଷା କେନ୍ଦ୍ରର ପରିଚାଳନା ବ୍ୟବସ୍ଥା ସହ ବୋର୍ଡର ମୁଖ୍ୟାଳୟ ସିଧା ସଂଯୋଗରେ ରହିବ। ଲାଇଭ କ୍ୟାମେରା ଲେନ୍ସରେ ନୋଡାଲ କେନ୍ଦ୍ରଗୁଡ଼ିକ ରହିବ। ଏହି ଦୁଇ ବ୍ୟବସ୍ଥାର ସଂଯୋଗୀକରଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଣ୍ଟ୍ରୋଲ ରୁମ୍‌ରେ କାର୍ଯ୍ୟ କରିବା ପାଇଁ ୨୦ ଜଣ ଟେକ୍ନିକାଲ କର୍ମଚାରୀଙ୍କୁ ଗୁରୁବାର ତାଲିମ ପ୍ରଦାନ କରାଯାଇଛି। ଏଆଇ ବ୍ୟବସ୍ଥାର କାର୍ଯ୍ୟକାରିତା ଆସନ୍ତା ୧୭ ତାରିଖରେ ବୋର୍ଡ ମୁଖ୍ୟାଳୟରେ ପରୀକ୍ଷାମୂଳକ ଭାବେ କରାଯିବ। ଏଭଳି ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ମାଟ୍ରିକ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ଶୃଙ୍ଖଳିତ କରାଯିବାକୁ ଉଦ୍ୟମ ହୋଇଥିବା ବୋର୍ଡ ଉପସଭାପତି ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଛଡ଼ାଇ ୨୦ହଜାର ନେଇଗଲେ

ବ୍ରହ୍ମପୁର,୧୫।୨(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଦୁର୍ବୃତ୍ତମାନେ ଧମକାଇ ଫୋନ ପେ' ମାଧ୍ୟମରେ ୨୦ହଜାର ଟଙ୍କା ନେଇଯାଇଥିବା ବଡବଜାର ଥାନାରେ ଅଭିଯୋଗ ହୋଇଛି। ଆଇନାବନ୍ଧ ନିକଟ ଝରଣାନଗର ଅଞ୍ଚଳର ଡ଼ି. ଆଶିଷ ବୁଧବାର ତାଙ୍କ କାମକୁ ଯାଉଥିବା ବେଳେ କରଣସାହି ନିକଟରେ ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମୋବାଇଲ ଫୋନ ଛଡାଇ ନେଇଥିଲେ। ପ୍ରତିବାଦ କରିବାରୁ ଆଶିଷଙ୍କୁ ସେମାନେ ବାଇକରେ ପାଣ୍ଡବନଗର ଶ୍ମଶାନକୁ ନେଇଯାଇଥିଲେ। ସେଠାରେ ମାଡ ମାରିବା ସହ ମାରଣାସ୍ତ୍ର ଦେଖାଇ ମୋବାଇଲ ପାସୱାଡ ମାଗିଥିଲେ। ଆଶିଷ ଭୟରେ ପାସୱାଡ କହିବା ପରେ ପୁଣି ଫୋନ ପେ'ପାସୱାଡ ମାଗି ନେଇ ତାଙ୍କ ଆକାଉଣ୍ଟରୁ ଅନ୍ୟ ଏକ ଅଜଣା ଆକାଉଣ୍ଟକୁ ୨୦ହଜାର ଟଙ୍କା ପଠାଇ ଦେଇଥିଲେ। ପୋଲିସକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଥାନାରେ ଆଶିଷଙ୍କ ଏତଲା ପ୍ରକାରେ ପୋଲିସ ନଂ.୫୫/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଫାଇନାନ୍ସ ସଂସ୍ଥା କର୍ମଚାରୀଙ୍କଠୁ ଲୁଟ

ବ୍ରହ୍ମପୁର, ୧୫।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ପାଇନାନ୍ସ ସଂସ୍ଥାର କର୍ମଚାରୀଙ୍କୁ ହଳଦିଆପଦର ଓଭରବ୍ରିଜ ନିକଟରେ ୩ ଜଣ ଦୁର୍ବୃତ୍ତ ଅଟକାଇ ଛୁରି ଦେଖାଇ ଲକ୍ଷାଧିକ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟି ନେଇଛନ୍ତି। ଗୋସାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ଗାଙ୍ଗପୁର ଥାନା ବିରିପୁରର ମୂଳ ବାସିନ୍ଦା ତଥା କୌତୁକୀ ନଗରରେ ରହୁଥିବା ଲିପୁନ ପ୍ରଧାନ ଏ ନେଇ ଗୋସାଣିନୂଆଗାଁ ଥାନରେ ଅଭିଯୋଗ କରିଛନ୍ତି। ସେ ପ୍ରାୟ ୬ମାସ ହେବ ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଛନ୍ତି। ଗତ ୧୩ ତାରିଖ ସକାଳେ ଲିପୁନ ଋଣ କିସ୍ତି ଆଦାୟ ଏବଂ ଋଣ ବଣ୍ଟନ ପାଇଁ ଗୋଳନ୍ଥରା ଥାନା ଅନ୍ତର୍ଗତ ଆମ୍ବପୁର ଏବଂ ହଳଦିଆପଦର ଯାଇଥିଲେ। ଅପରାହ୍ନରେ ହଳଦିଆପଦର ହୋଇ ଘରକୁ ଫେରୁଥିବା ବେଳେ ବାଟରେ ୩ ଦୁର୍ବୃତ୍ତ ଏକ ବାଇକରେ ପଛପଟୁ ଆସି ଧକ୍କା ମାରିଥିଲେ। ବାଇକ ସହ ଲିପୁନ ତଳେ ପଡିଯିବାରୁ ଛୁରି ଦେଖାଇ ତାଙ୍କ ବ୍ୟାଗ ଛଡାଇ ନେଇଥିଲେ। ଉକ୍ତ ବ୍ୟାଗରେ ୧ଲକ୍ଷ ୨୩ ହଜାର ୪୬୯ ଟଙ୍କା ସହ ଅଫିସ ଟ୍ୟାବ, ବାୟୋମେଟ୍ରିକ, ପର୍ସ ଓ ଅନ୍ୟାନ୍ୟ କ ସାର୍ଟିଫିକେଟ ରହିଥିଲା। ପୋଲିସ ନଂ.୪୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଆସିକା ୧୫।୨ (ସୁରେନ୍ଦ୍ରନାଥ ସାହୁ):

ଆସିକା-ବ୍ରହ୍ମପୁର ୫୯ନମ୍ବର ଜାତୀୟ ରାଜପଥର ଖଡଭାଗ ଗ୍ରାମ ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୭ଟା ସମୟରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଖଡଭାଗ ଗ୍ରାମର ପିତାମ୍ବର ବେହେରା (୫୪) ବୋଲି ଜଣାପଡିଛି। ବାଇକ୍ ଆରୋହୀ ଘଟକୁରୀ ଗ୍ରାମର ଶଙ୍କର ନାହାକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଥିବା ଜଣାପଡିଛି। ମୃତକ ଜଣକ ନିକଟସ୍ଥ କର୍ଣ୍ଣୋଳି ଛକରେ ମକା ବ୍ୟବସାୟ ସାରି ଘରକୁ ଫେରୁଥିବା ବେଳେ ପଛରୁ ଆସୁଥିବା ବାଇକ ତାଙ୍କୁ ଧକ୍କା ଦେଇଥିଲା । ପିତାମ୍ବରଙ୍କ ମୃତ୍ୟୁକୁ ନେଇ ଖଡ଼ଭାଗ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଗ୍ରାମବାସୀ କିଛି ସମୟ ଲାଗି ଆସିକା-ବ୍ରହ୍ମପୁର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଅପରପକ୍ଷେ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଥିବା ଜଣାପଡିଛି।

# ନିଶାମୁକ୍ତ ବୋଦସା ପଞ୍ଚାୟତ ଗଠନ ପାଇଁ ଯୁବଗୋଷ୍ଠୀଙ୍କ ପ୍ରୟାସ

ଖଣ୍ଡପଡ଼ା,୧୫।୨(ଅଜୟ କୁମାର ମହାରଣା)- ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ପଞ୍ଚାୟତ ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ବୋଦସା ଗ୍ରାମର ଯୁବଗୋଷ୍ଠୀ ଓ ସ୍ୱେଚ୍ଛାସେବୀମାନେ ପ୍ରୟାସ ଜାରି ରଖିଛନ୍ତି । ଏହି ମହତ କାର୍ଯ୍ୟ ପାଇଁ ବୋଦସା ଗ୍ରାମର ବହୁ ବୁଦ୍ଧିଜୀବି ଓ ଗାଁ ବାହାରେ ରହୁଥିବା ଯୁବକମାନେ ସହଯୋଗର ହାତ ବଢାଇଛନ୍ତି। ବୋଦସା ପଞ୍ଚାୟତ ଅଞ୍ଚଳରେ ନିଶାଦ୍ରବ୍ୟର ଅବାଧ କାରବାର ଏବଂ ନିଶାଦ୍ରବ୍ୟ ସେବନ କରି ସ୍ଥାନୀୟ ଅଞ୍ଚଳର ଅନେକ ପରିବାରର ସଦସ୍ୟମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ପରିବାର ପାଇଁ ବୋଝ ପାଲଟିଛନ୍ତି । ସେହିପରି କମ୍ ବୟସର ଅନେକ ଯୁବକ ନିଶା ସେବନ କରି ପଥଭ୍ରଷ୍ଟ ହେବା ପରେ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ବୋଦସା ଗ୍ରାମର ଯୁବକ ଅନ୍ତର୍ଯ୍ୟାମୀ ବରାଡ଼, ଅଭୟ ବାରିକ, ସୁର ସାହୁ, ନାରାୟଣ ସାହୁଙ୍କ ସମେତ ଆଖପାଖ ଗ୍ରାମର ଯୁବକମାନେ ନିଜ ପଞ୍ଚୟତକୁ ନିଶାମୁକ୍ତ କରିବା ପାଇଁ ପ୍ରୟାସ କରି ଏଥିପାଇଁ ଆନ୍ଦୋଳନ ଡ଼ାକରା ଦେଇଛନ୍ତି । ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ଯୁବ ଗୋଷ୍ଠୀ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ନିଶା ଦ୍ରବ୍ୟର ଅବାଧ ବିକ୍ରି ଓ ସେବନ ଉପରେ ରୋକ୍ ଲଗାଇବା ନିମନ୍ତେ ଯୁବଗୋଷ୍ଠୀ ପକ୍ଷରୁ ପୋଲିସ ଓ ଅବକାରୀ ବିଭାଗ ଉଚ୍ଚ ପଦସ୍ଥ ଅଦବକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଶାମୁକ୍ତ ଅଭିଯାନ ପାଇଁ ଅଣ୍ଟା ଭିଡ଼ିଥିବା ଯୁବଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ସହଯୋଗର ହାତ ବଢାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ତେବେ ନିଶାମୁକ୍ତ ବୋଦସା ପଞ୍ଚାୟତ ଗଠନ ପାଇଁ ପ୍ରୟାସ ଆରମ୍ଭ କରିଥିବା ଯୁବଗୋଷ୍ଠୀର ଉଦ୍ୟମକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦାବି


ଧାରଣାରତ ସଂଘର କର୍ମକର୍ତ୍ତା ବୃନ୍ଦ।

ବ୍ରହ୍ମପୁର,୧୫।୨(ସ୍ମିତିରଞ୍ଜନ ମହାଲିକ)

ଓଡିଶା ଗ୍ରାମ୍ୟ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କ୍ୟାଡର ପୁନଃଗଠନ ଓ ଗ୍ରେଡ ପେ ସମେତ ଅନ୍ୟାନ୍ୟ ଦାବି ସମ୍ବନ୍ଧରେ ସଂଘ ପକ୍ଷରୁ ବାରମ୍ବାର ଦାବି ଉପସ୍ଥାପନ କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆଗକୁ ସାଧାରଣ ନିର୍ବାଚନ ଓ ଆଦର୍ଶ ଆଚରଣ ବିଧି ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଦ୍ୱାରା ଜାରି ହେବ। ଏଭଳି ଭାବେ ବର୍ଷେ ହେଲା କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ କର୍ମଚାରୀମାନେ କମ ଦରମାରେ କାମ କରୁଥିବା ସଂଘ ଅଭିଯୋଗ କରିଛି। ଦାବି ସମୂହକୁ ନେଇ ଗତ ୮ରୁ୧୨ ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ ମୋବାଇଲ ଫୋନକୁ କର୍ମଚାରୀମାନେ କୌଣସି ସରକାରୀ ସେବାରେ ଲଗାଉନାହାନ୍ତି। ଏଥିସହ ଅଧିକାରୀଙ୍କ ଦ୍ୱାରା ଗଠିତ ଗ୍ରୁପ ଓ ଆପରୁ ସଂଘ ଓହରିବା ସହ ଗତ ୧୩ରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଚାଲିଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ବି ଯଦି ଦାବି ପୂରଣ ନ ହୁଏ ତେବେ ୨୦ତାରିଖରେ ଭୁବନେଶ୍ୱର କୃଷି ଭବନଠାରେ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି। ଆନ୍ଦୋଳନରେ ସଂଘ ସଭାପତି ଅରୁଣ କୁମାର ପ୍ରଧାନ, ସଂପାଦକ ବୈରାଗୀ ସ୍ୱାଇଁ, ଉପସଭାପତି ଦିଲୀପ ପ୍ରଧାନ ଓ ସହ ସଂପାଦକ ସୁନୀଲ କୁମାର ଆଚାର୍ଯ୍ୟଙ୍କ ସମେତ ସଂଘର ବହୁ ସଦସ୍ୟ ସାମିଲ ଥିଲେ।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଆର,ଉଦୟଗିରି,୧୫।୨(ମନୋଜ ପାଢୀ)

ଆର. ଉଦୟଗିରି ବ୍ଲକ ସିଆଳିଲଟି ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ପଞ୍ଚାୟତ ସ୍ତରୀୟ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ପାଇକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ସମ୍ମାନିତ ଅତିଥି ସମିତିସଭ୍ୟା ଗୀତା ରଇତ, କନିଷ୍ଠ ଯନ୍ତ୍ରୀ ନିଳାଞ୍ଚଳ ମହାପାତ୍ର, ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ଓ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ଗୋଷ୍ଠୀ ସଭ୍ୟା ଓ ବ୍ୟକ୍ତି ଉପସ୍ଥିତ ଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅତିଥିମାନେ କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସ୍ଥାନୀୟ ପଞ୍ଚାୟତ ପିଇଓ ବିଶ୍ୱଜିତ ଲିମା ପରିଚାଳନା କରିଥିଲେ।

# ଚୋରଙ୍କ ଆକ୍ରମଣରେ ଘରମାଲିକ ଆହତ

ଦଶପଲ୍ଲା,୧୫।୨(ପ୍ରକାଶ କୁମାର ପାଣି)-ବୁଧବାର ରାତିରେ ଦଶପଲ୍ଲା ବ୍ଲକର ସମିଳିସାହି ଗ୍ରାମରେ ଚୋରଙ୍କ ଆକ୍ରମଣରେ ଘର ମାଲିକ ଆହତ ହୋଇଛନ୍ତି । ଆହତ ଘରମାଲିକଙ୍କ ନାମ ପ୍ରମୋଦ କୁମାର ପ୍ରଧାନ । ପ୍ରଧାନଙ୍କ ଘରେ ରାତିରେ ଚୋରମାନେ ପଶିଥିଲେ । କିଛି ଶବ୍ଦ ଶୁଣି ସେ ଉଠିପଡିବାରୁ ଚୋରଙ୍କ ସହ ତାଙ୍କର ମୁହାଁମୁହିଁ ହୋଇଥିଲା । ଏହି ସମୟରେ ଚୋରମାନେ ତାଙ୍କୁ ଆକ୍ରମଣ କରିଥିଲେ । ହେଲେ କୌଣସି ଜିନିଷ ଚୋରି ହୋଇ ନ ଥିବା ସେ କହିଛନ୍ତି । ପ୍ରଧାନଙ୍କୁ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୫୫/୨୪) ରୁଜୁ କରି ତଦନ୍ତ ଚଳାଇଛି ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଶରଣକୂଳ,୧୫।୨(ଦୀପକ କର):

ଶରଣକୂଳ ନିକଟସ୍ଥ ଗୋଲଗାଁ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଲଗାଁ ସରପଞ୍ଚ ହଜାରୀ ଘଡ଼ାଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ , ସଂଯୁକ୍ତା ପଡ଼ିହାରୀ, ଗୋଟିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡା, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ମହାପାତ୍ର, ସୋଲପଟା ସମବାୟ ସମିତି ସଭାପତି ସୁଶାନ୍ତ କୁମାର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ମୁଖ୍ୟଅତିଥି ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତରେ ବିକାଶରେ ବିନ୍ଧାଣୀ ସାଜିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଲଗାଁ ପଞ୍ଚାୟତର ମହିଳା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।

# କଲ୍ୟାଣମଣ୍ଡପ, ମହାମାୟୀ ମନ୍ଦିର ପାଇଁ ୫.୫୦ କୋଟି



କବିସୂର୍ଯ୍ୟନଗର,୧୫।୨ (କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗରରେ ଦୁଇଟି କଲ୍ୟାଣ ମଣ୍ଡପ ଓ ମହାମାୟୀ ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର ୫କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ବରାଦ କରିଥିବା ଜଣାପଡ଼ିଛି। ଗୁରୁବାର ସନ୍ଧ୍ୟାରେ ମହାମାୟୀ ମନ୍ଦିର ସମ୍ମୁଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତରାଜ ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ଅମାତ ମା' ମହାମାୟୀଙ୍କୁ ପ୍ରଥମେ ଦୀପଦାନ ଓ ପୁଷ୍ପଦାନ କରି ଆଶୀର୍ବାଦ ଭିକ୍ଷା କରି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୁଇଟି ବହୁମୁଖୀ କଲ୍ୟାଣ ମଣ୍ଡପର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ମହାମାୟୀ ମନ୍ଦିର ଉନ୍ନତି ପାଇଁ ୫୦ଲକ୍ଷର ବ୍ୟୟ ବରାଦ ହୋଇଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଏନଏସି ପ୍ରାକ୍ତନ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ଗାନ୍ତ୍ରିକ, ଶିକ୍ଷାବିତ ବିପିନ ବିହାରୀ ଶତପଥୀ । ସଂଯୋଜନା କରିଥିଲେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ସଭାପତି ରସଲ ଦାସ ଏବଂ ସହଯୋଗ କରିଥିଲେ ଯୁବନେତା ଦିଲ୍ଲୀପ ସାହୁ ଓ ସୂର୍ଯ୍ୟନାରାୟଣ ନାୟକ । ଖବରଦାତା ଓ ପ୍ରଶାସନିକ ଅଧିକାରୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଏମପି ପ୍ରତିନିଧି ସୁରଜ ରେଡି ଓ ବରିଷ୍ଠ ଖବରଦାତା ବାଳକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁକ୍ତ ୨ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି

ମୋହନା,୧୫।୨(ମନ୍ମଥ ମିଶ୍ର):

ଶୁକ୍ରବାର ଠାରୁ ଆରମ୍ଭ ହେଉଛି ଯୁକ୍ତ ୨ ପରୀକ୍ଷା। ସେଥିପାଇଁ ପରୀକ୍ଷା ସେଣ୍ଟରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। କପି ରୋକିବା ସହ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ଗଜପତି ଜିଲା ମୋହନା ହିଲଟପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ପାଇଁ ଚାଲିଛି ଜୋର୍‌ସୋର୍‌ରେ ପ୍ରସ୍ତୁତି। ଯୁକ୍ତ ଦୁଇ କଳା ଓ ବିଜ୍ଞାନ ବିଭାଗରେ ୪୧୧ ଜଣ ଛାତ୍ରୀ, ଛାତ୍ର ପରୀକ୍ଷା ଦେଉଥିବା ବେଳେ ୪ ଗୋଟି ପରୀକ୍ଷା ସେଣ୍ଟର୍ ସିସି ଟିଭି କ୍ୟାମେରା ଲାଗିଛି। ପ୍ରତି ସେଣ୍ଟରରେ ସେଣ୍ଟର ସୁପରିଟେଣ୍ଡେଣ୍ଟ ନିୟୋଜିତ ହୋଇଥିବା ବେଳେ କପି ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ନିୟୋଜିତ କରାଯାଇଛି। ପରୀକ୍ଷା ତଦାରଖ ପାଇଁ ସ୍ଥାନୀୟ ବିଡ଼ିଓଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ କଲେଜର ଅଧ୍ୟାପିକା ଅଧ୍ୟାପକମାନେ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିବା ମୋହନା ହିଲଟପ ଉଚ୍ଚ ମାଧ୍ୟମିକ ଅଧ୍ୟକ୍ଷ ସୀମାଞ୍ଚଳ ସାହୁ ସୂଚନା ଦେଇଛନ୍ତି।

# ସାମ୍ବତ୍ସରିକ ଉତ୍ସବରେ ସମ୍ବର୍ଦ୍ଧନା, ସଙ୍ଗୀତ ଭିଡିଓ ଲୋକାର୍ପିତ

ନୟାଗଡ଼,୧୫।୨(ଲୋକନାଥ ମିଶ୍ର):

ନୟାଗଡ଼ର ସଙ୍ଗୀତ ଅନୁଷ୍ଠାନ ଶ୍ରୀ ସୃଜନର ତୃତୀୟ ସାମ୍ବତ୍ସରିକ ଉତ୍ସବ ସ୍ଥାନୀୟ ନିଉ ଜନତା ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ,ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ବିଜୟ ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ଏବଂ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୁରୀର ବରିଷ୍ଠ କଣ୍ଠଶିଳ୍ପୀ ଅଶୋକ ମହାନ୍ତି,ଢ଼େଙ୍କାନାଳର ବରିଷ୍ଠ ଅଭିନେତା ଶରତ ମାଝି ଏବଂ ଯାଜପୁରର ସୁନାମଧନ୍ୟ ସାହିତ୍ୟିକ ବିମଳ ପତିଙ୍କୁ ମୁଖ୍ୟଅତିଥି ଉପଢୌକନ ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଜୟଶ୍ରୀ ଦେବୀଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ଭିଡିଓ 'ରାଧା ନା ମୀରା' ଏବଂ 'ଲଡୁବାବା' ମୁଖ୍ୟ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଶେଷରେ ସଂଗୀତାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରାଯାଇଥିଲା।

# ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଟି ରାଗିଂ କମିଟିର ବୈଠକ

ବ୍ରହ୍ମପୁର, ୧୫।୨(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ କଲେଜରେ ର୍ୟାଗିଂ ଅଭିଯୋଗର ତଦନ୍ତ ଜାରି ରଖିଛି ବୈଦ୍ୟନାଥପୁର ଥାନା ପୋଲିସ। ଏହି ଘଟଣାକୁ ନେଇ ଆଣ୍ଟି ର୍ୟାଗିଂ ସେଲରେ ଅଭିଯୋଗ ହେବା ପରେ ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଟିଂ ର୍ୟାଗିଂ କମିଟି ଦ୍ୱାରା ମଧ୍ୟ ତଦନ୍ତ କରାଯାଇଛି। ଗୁରୁବାର ସଂଧ୍ୟାରେ କମିଟିର କର୍ମକର୍ତ୍ତାଙ୍କୁ ନେଇ ବୈଠକ ବସିଥିଲା। ବୈଠକରେ ର୍ୟାଗିଂ ଅଭିଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ୨ ଅଭିଯୁକ୍ତ ଛାତ୍ରଙ୍କୁ କିଛିମାସ ପାଇଁ କ୍ୟାମ୍ପସରେ ପ୍ରବେଶ ଓ ହଷ୍ଟେଲରେ ରହିବା ଉପରେ କଟକଣା ଜାରି କରାଯିବାକୁ ଆଲୋଚନା ହୋଇଛି। ଶୁକ୍ରବାର କମିଟି ଏ ଦିଗରେ ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ସୂଚନା ମିଳିଛି। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଏମବିବିଏସରେ ପଢୁଥିବା ବାଲେଶ୍ୱରର ଛାତ୍ର ଦୁଇ ନମ୍ବର ହଷ୍ଟେଲରେ ରହୁଛନ୍ତି। ଗତ ୯ତାରିଖ ରାତିରେ ତାଙ୍କୁ ୨ ଜଣ ସିନିୟର୍ ଛାତ୍ର ମାଡ ମାରିଥିଲେ। ପୀଡିତ ଛାତ୍ରଙ୍କ ବାପା ଏ ନେଇ ଆଣ୍ଟି ର୍ୟାଗିଂ ସେଲ, ବ୍ରହ୍ମପୁର ଏସପି ଓ ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷଙ୍କୁ ଟ୍ୱିଟ ଯୋଗେ ଅବଗତ କରି ଦୋଷୀ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଥିଲେ। ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସର ନୋଟିସ ପାଇ ଦୁଇଜଣ ଛାତ୍ର ଥାନାରେ ହାଜର ହୋଇ ଛାଡ ପାଇଛନ୍ତି। ଗୁରୁବାର ସଂଧ୍ୟାରେ ଆଣ୍ଟି ର୍ୟାଗିଂ କମିଟିର ବୈଠକ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ବୈଠକରେ ୨ଜଣ ଉପାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ବେହେରା, ପ୍ରଫେସର ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା, ଏଫଏମଟି ବିଭାଗ ପ୍ରଫେସର ସୁଦୀପା ଦାଶ, ଆନାଟୋମି ବିଭାଗ ପ୍ରଫେସର ସାଗର ପୃଷ୍ଟି, ପାଥୋଲୋଜି ବିଭାଗ ପ୍ରଫେସର ମନୋଜ ପାତ୍ର, ଶ୍ରେଣୀ ପ୍ରତିନିଧି ଏବଂ ଟାଉନ ଏସଡିପିଓ ଉପସ୍ଥିତ ଥିଲେ। ସେହିପରି ଅଭିଯୋଗ କରିଥିବା ଛାତ୍ରଙ୍କ ସମେତ ଅଭିଯୁକ୍ତ ୨ଛାତ୍ର ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। କମିଟି କର୍ମକର୍ତ୍ତା ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଅଭିଯୋଗରେ ସତ୍ୟତା ରହିଥିବା ବେଳେ ପ୍ରମାଣ ମଧ୍ୟ ମିଳିଥିବା ସୂଚନା ମିଳିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାମଗିରି,୧୫।୨(ବୃନ୍ଦାବନ ଗୌଡ଼): ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବୁଧବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ରାଧାକୃଷ୍ଣ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ଓଡିଶା ପୂର୍ବପ୍ରାନ୍ତ ସହ ଶାରୀରିକ ଶିକ୍ଷଣ ପ୍ରମୁଖ ଅଶୋକ କୁମାର ରଣଜିତ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ରାଜେନ୍ଦ୍ର କୁମାର ମାଝୀ, ଅଭିମନ୍ୟୁ ମଲ୍ଲିକ, ତାରିଣୀ ଚରଣ ଗୌଡ଼, ଗୋପବନ୍ଧୁ ପଟ୍ଟନାୟକ, ନରେନ୍ଦ୍ର କୁମାର ଯାନୀ, ଅମୂଲ୍ୟ କୁମାର ପାତ୍ର, ରଣାହାଟୀ ନାୟକ, ଆନନ୍ଦ ବଳିଆରସିଂ, ଦେବରାଜ ଦଳାଇ, କୃଷ୍ଣଚନ୍ଦ୍ର ରଇତ, ରମେଶ ଚନ୍ଦ୍ର ରଇତ ପ୍ରମୁଖ ମଞ୍ଚାସିନ ଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଡ଼ଃ. ବି ଆର ଆମ୍ବେଦକର ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ ବାୟାଧର ବଡ଼କୁମର ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଗୁରୁମା ଓ ଗୁରୁଜୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଆଜି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

କୁଜଙ୍ଗ, ୧୫।୨ (ମନୋଜ ପ୍ରଧାନ)


ବିଧାୟକ ସମ୍ବିତ ରାଉତରାୟ ଓ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

- ସ୍ଥିତି ପରଖିଲେ ବିଧାୟକ, ବରିଷ୍ଠ ରାଜନେତା
- ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଶିଳାନ୍ୟାସ ନିମନ୍ତେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତକୁ ଆସୁଛନ୍ତି । ଏଥିନିମନ୍ତେ ପ୍ରଶାସନ ଓ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି । ଗୁରୁବାର ଏରସମା–ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ବିଧାୟକ ଅରୁଣ ସାହୁ, ଦଳୀୟ ପର୍ଯ୍ୟବେକ୍ଷକ ଗିରୀଶ ଦାଶ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଶାରଦା ଜେନା, ଇତିଶ୍ରୀ ଭୂୟାଁ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ପାରାଦୀପ ପୌରପାଳ ବସନ୍ତ କୁମାର ବିଶ୍ୱାଳ, ଏମ୍‌ପିଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ତଥା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ, ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ବିଜେଡି ନେତା ରମାକାନ୍ତ ଭୋଇ ପ୍ରମୁଖ ଶିଳାନ୍ୟାସ ସ୍ଥଳରେ ପହଁଞ୍ଚି ସ୍ଥିତି ପରଖିଛନ୍ତି। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଓଡ଼ିଶା ମୁଖ୍ୟ ଅନିଲ ସିଂହ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଓ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା ଆଲୋଚନାକରି ଫେରିଛନ୍ତି । ସବୁଠାରୁ ବଡକଥା ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳର ଯେଉଁ ଗାଁରେ ସବୁ ମନୋମାଳିନ୍ୟ ଥିଲା ବୈଠକ ମାଧ୍ୟମରେ ନେତୃମଣ୍ଡଳୀମାନେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି କ୍ରମରେ ଅଞ୍ଚଳର ମୁରବିମାନେ ବୁଧବାର ସେମାନଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ସମାଧାନ ନିମନ୍ତେ ପ୍ରତିଶ୍ରୁତି ପାଇଛନ୍ତି । ସେହି ଅନୁସାରେ ଗୁରୁବାର ତ୍ରିଲୋଚନପୁରଠାରେ ମହିଳାମାନଙ୍କ ବୈଠକ ଡକାଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ମିଳିଥିବା ପ୍ରତିଶ୍ରୁତି ସମ୍ପର୍କରେ ବିଜେଡି ଯୁବନେତା ତମିଲ ପ୍ରଧାନ ଓ ତନ୍ମୟ ସ୍ୱାଇଁ ସେଠାରେ ପହଞ୍ଚି ଜଣାଇଛନ୍ତି। ମହିଳାମାନେ ଏହାକୁ ସ୍ୱାଗତ କରିବାସହ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ସଫଳ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ସୁରକ୍ଷା ଦୃଷ୍ଟିରୁ ୧୦ ପ୍ଲାଟୁନ ଫୋର୍ସ, ୬୫୦ ଜଣ ଏପିଆର କନଷ୍ଟେବଲ ଓ ୧୦୦ଜଣ ସବ୍‌ଇନ୍ସପେକ୍ଟର ନିୟୋଜିତ ହୋଇଥିବା ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି। ଘଟଣାସ୍ଥଳରେ ଜଗତ୍‌ସିଂହପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମରେନ୍ଦ୍ର ପଣ୍ଡା, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ କୁମାର ରାଉତ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରୁଛନ୍ତି।

## ମହାନଦୀ ପୋଲ ଉପର ହେଲା ଉଜ୍ଜ୍ୱଳ ଆଲୋକୀକରଣ

କୁଜଙ୍ଗ, ୧୫।୨ (ମନୋଜ ପ୍ରଧାନ)

ତାଳଦଣ୍ଡାଠାରେ ଜିଲାନାସୀକୁ ସଂଯୋଗ କରୁଥିବା ଦୀର୍ଘ ୧ କି.ମି. ବ୍ୟାପୀ ମହାନଦୀ ସେତୁ ଉପରେ ଉଜ୍ଜ୍ୱଳ ଆଲୋକୀକରଣ ଶୁଭାରମ୍ଭ ଗୁରୁବାର କରାଯାଇଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଜିଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ମଲ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ଜିଲାନାସୀ ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସୁଢ଼ଳ ସ୍ୱାଇଁ, ନିରଞ୍ଜନ ପ୍ରଧାନ, ଯୁବନେତା ପ୍ରଫୁଲ୍ଲ ପରିଡା, ଅରୁ ପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୋଲ ଉପରେ ବର୍ଷକ ପୂର୍ବରୁ ଲାଗିଥିବା ଲାଇଟ ସବୁ ଖରାପ ହୋଇ ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଥିଲା । ଫଳରେ ଅସାମାଜିକଙ୍କ ଆଡ୍ଡା ଜମିବା ଦ୍ୱାରା ଲୋକେ ଯିବାକୁ ଭୟ କରୁଥିଲେ। ଉକ୍ତ ଆଲୋକୀକରଣ ବ୍ୟବସ୍ଥା ପାଇଁ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ପକ୍ଷରୁ ଅର୍ଥ ପ୍ରଦାନ କରାଯାଇଥିଲା।

## ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

ଭୋପାଳ, ୧୫।୨

ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍‌ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି । ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି । ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ । ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

## ରାଜନଗର ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

ରାଜନଗର, ୧୫।୨ (ଭାସ୍କର ରାଉତରା)



ରାଜନଗର ବ୍ଲକର ସାନବଡଗୋପାଳପୁରଠାରେ ରାଜନଗର ବସ୍‌ଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସାନବଡଗୋପାଳପୁର ପଞ୍ଚାୟତର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ବିଜୟ ନାୟକ, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ପରେ ରାଜନଗରରେ ବସଷ୍ଟାଣ୍ଡଟିଏ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତା ଉପରେ ବସ୍‌ଗୁଡିକ ଲୋକଙ୍କୁ ଓହ୍ଲାଇବା ସହ ଉଠାଉ ଥିଲେ। ଏଣିକି ରାଜନଗର ବସ୍‌ଷ୍ଟାଣ୍ଡ ଲୋକଙ୍କୁ ସେବା ଯୋଗାଇବ ବୋଲି ବିଧାୟକ ସାହୁ କହିଥିଲେ।

## ନିଆଁ ଲାଗି ଜଳିଗଲା ଘର

ରାଜକନିକା, ୧୫।୨ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡ଼ା ହାବଲଗଣ୍ଡ ପଞ୍ଚାୟତ ଉଜାଙ୍ଗ କଇଥାପାଳ ଗାଁର ବ୍ରହ୍ମାନନ୍ଦ ସେଠୀଙ୍କ ଗୋଟିଏ ବଖରା ଚାଳ ଛପର ଘର ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଯାଇଛି। ରାତିରେ ହଠାତ ଘର ଜଳୁ ଥିବାର ଦେଖି ପରିବାର ଲୋକ ଭୟଭୀତ ହୋଇ ଡ଼ାକ ପକାଇଥିଲେ। ଗାଁ ଲୋକ ମିଳିତ ଭାବେ ନିଆଁ ଲିଭାଇବାକୁ ବି ଚେଷ୍ଟା କରିଥିଲେ। ରାଜକନିକା ଅଗ୍ନିଶମ ବାହିନୀକୁ ଖବରଦେବା ପରେ ସେମାନେ ନିଆଁକୁ ଆସି ଆୟତ କରିଥିଲେ ବି ଘରଟି ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଛି। ଘର ମଧ୍ୟରେ ଥିବା ଧାନ ଚାଉଳ, ବାସନ, ଲୁଗାପଟା ସହିତ ଆସବାବପତ୍ର ପୋଡ଼ି ଯାଇଛି। ବ୍ରହ୍ମାନନ୍ଦ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ସକାଳେ ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରକାଶ ମହାନ୍ତି ପହଞ୍ଚି ତଦନ୍ତ କରିବା ସହ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ତେବେ ନିଆଁ ଲାଗିଥିବା ଘରେ ଚୁଲି ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ନ ଥିବାର ପରିବାର ଲୋକେ ସୂଚନା ଦେଇଛନ୍ତି। କେମିତି ଅଗ୍ନିକାଣ୍ଡ ଘଟିଲା ତାହା ଏବେ ଅସ୍ପଷ୍ଟ ଥିବାରୁ କୌଣସି ଦୁର୍ବୃତ୍ତ ଏଭଳି କାଣ୍ଡ ଭିଆଇ ଥିବା ଅନୁମାନ କରାଯାଉଛି।

## ଅଂଶୁମାନଙ୍କ ପରେ ସମୂହ ଦଳ ଛାଡ଼ିଲେ କଂଗ୍ରେସ ନେତା, କର୍ମୀ


ପଟ୍ଟାମୁଣ୍ଡାଇରେ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

**ରାଜନଗର ନିର୍ବାଚନମଣ୍ଡଳୀ**

ପଟ୍ଟାମୁଣ୍ଡାଇ, ୧୫।୨ (କଳ୍ପତରୁ ନାୟକ)

ରାଜନଗରର ପୂର୍ବତନ ବିଧାୟକ ତଥା କେନ୍ଦ୍ରାପଡ଼ା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି ବୁଧବାର କଂଗ୍ରେସ ଦଳରୁ ଇସ୍ତଫା ଦେବା ପରେ ରାଜନଗର ନିର୍ବାଚନମଣ୍ଡଳୀ ହତ ଶିରି ହେଲାଣି। ଗୁରୁବାର ରାଜନଗର ବ୍ଲକରୁ କଂଗ୍ରେସ ନେତା ଓ କର୍ମୀ ଦଳରୁ ଜଣକ ପରେ ଜଣେ ସମୂହ ଇସ୍ତଫା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବିଭିନ୍ନ ପଦପଦବୀରେ ଥିବା ନେତା ଓ କର୍ମୀ ଗୁରୁବାର ସମୂହ ଇସ୍ତଫା ଦେଇଛନ୍ତି। ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଏ ସମ୍ପର୍କରେ ଜଣାଇବା ସହ ଆମ ନେତା ଅଂଶୁମାନ ଯେଉଁ ଦଳରୁ ଟିକେଟ ନେବେ ଆମେ ତାଙ୍କ ସହ ଅଛୁ ବୋଲି କହିଛନ୍ତି। ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତିଙ୍କୁ ବାଦ୍ ଦେଲା ପରେ ବ୍ଲକ କଂଗ୍ରେସ ସଭାପତି ଓ ବିଭିନ୍ନ ପଞ୍ଚାୟତ ସଭାପତି, ବ୍ଲକ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ସଭାପତି ଇସ୍ତଫା ଦେଇଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ନଗର ଉପସଭାପତି ଅବିନାଶ ଲେଙ୍କା, ମନୋଜ ନାୟକ, ନଗର କୃଷକ କଂଗ୍ରେସ ସଭାପତି ବ୍ରଜବନ୍ଧୁ ଦାଶ, ଜିଲା କଂଗ୍ରେସ ସମ୍ପାଦକ ଆଲୋକ ଧଳ, ମନୋରଞ୍ଜନ କର, ପିଣ୍ଟୁ ଚୌଧୁରୀ, ଅମିତ ନାୟକ, ସଞ୍ଜୟ ପଣ୍ଡା, ସନାତନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଜନଗରର ବ୍ଲକ କଂଗ୍ରେସ ସଭାପତି ଓ ବିଭିନ୍ନ ପଞ୍ଚାୟତ ସଭାପତି, ବ୍ଲକ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ସଭାପତି ଗୁରୁବାର ଇସ୍ତଫା ଦେଇଛନ୍ତି। ଯାହା କଂଗ୍ରେସ ପାଇଁ ବଡ଼ ଝଟକା। କାରଣ ରାଜନଗରରେ ଶାସକ ବିଜେଡି ସହ ସିଧାସଳଖ ଟକ୍କର ଦେଉଥିଲା କଂଗ୍ରେସ। ଅନ୍ୟପକ୍ଷେ ଅଂଶୁମାନ ୨୦୧୪ରୁ ୨୦୧୯ ଯାଏ କଂଗ୍ରେସ ଟିକେଟରେ ବିଧାୟକ ଥିଲେ। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କଠାରୁ ପରାଜିତ ହୋଇଥିଲେ। ଅଂଶୁମାନ ଆଗକୁ କ'ଣ କରିବେ, କେଉଁ ଦଳକୁ ଯିବେ ତାକୁ ନେଇ ଚର୍ଚ୍ଚା ଚାଲିଛି। ଅଂଶୁମାନ ବିଜେଡିରେ ସାମିଲହେବାକୁ ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଥିବା ବେଳେ ବାସ୍ତବରେ ସେ ବିଜେଡି ନା ଭାଜପାକୁ ଯିବେ ତାହାକୁ ନେଇ ଏବେ ବି ଦ୍ୱନ୍ଦ୍ୱ ରହିଛି। ଅଂଶୁମାନ ଯଦି ବିଜେଡିକୁ ଆସନ୍ତି, ତେବେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସ୍ଥିତିକୁ ନେଇ ଆକଳନ ଆରମ୍ଭ ହୋଇଯାଇଛି। ଏହି କଳ୍ପନାଜଳ୍ପନା ଅନ୍ତ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସ୍ପଷ୍ଟ ହୋଇଯିବ ବୋଲି ଅଂଶୁମାନଙ୍କ ସମର୍ଥକ ସୂଚନା ଦେଇଛନ୍ତି।

## ମେମୁ ଟ୍ରେନ୍ ଭିତ୍ତିଭୂମି ତଦାରଖ ଏବେ ବି ଅଧୁରା


ମାର୍ଶାଘାଇ ରେଳ ଷ୍ଟେଶନରେ ମାଲ୍‌ବାହୀ ଟ୍ରେନ।

କେନ୍ଦ୍ରାପଡ଼ା, ୧୫।୨ (ଜଗନ୍ନାଥ ଧଳ)

- ହରିଦାସପୁର-ପାରାଦୀପ ରେଳପଥ
- ରିପୋର୍ଟ ଅପେକ୍ଷାରେ ପୂର୍ବତଟ ରେଳପଥ ବିଭାଗ
- ୨୦୨୦ ଜୁଲାଇରୁ ଚାଲିଲାଣି ମାଲବାହୀ ରେଳ

କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚଳାଚଳ ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ରହିଛି। ଜିଲା ମଧ୍ୟ ଦେଇ ୨୦୨୦ ଜୁଲାଇ ୨୪ଠାରୁ ମାଲବାହୀ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। ଏବେ ଦୈନିକ ୩୦ରୁ ଅଧିକ ମାଲବାହୀ ଟ୍ରେନ୍ ଗଡୁଥିଲେ ମଧ୍ୟ ଏହି ହରିଦାସପୁର ପାରାଦୀପ ରେଳପଥରେ ଯାତ୍ରୀବାହୀ ଟ୍ରେନ ଅଦ୍ୟାବଧି ଚଳାଚଳ ହୋଇନାହିଁ। ଏଥିପାଇଁ ୨୦୨୨ ଜାନୁଆରୀରେ ପଟ୍ଟାମୁଣ୍ଡାଇ ବ୍ଲକ ଦେଉଳି ଗ୍ରାମର ଗୌତମ କୁମାର ବେହେରା ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କୁ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଚିଠି ଲେଖିଥିଲେ। ଡେପୁଟି ଚିଫ୍ ଅପରେଶନ୍ସ ମ୍ୟାନେଜର ଡି.ଆର୍. ପାଉଲଙ୍କଠାରୁ ମିଳିଥିବା ତତ୍କାଳୀନ ଚିଠି (୯୫/୨୨)ରେ ଉଲ୍ଲେଖ ଥିଲା ଯେ, ପାରାଦୀପଠାରୁ କେନ୍ଦୁଝର ପର୍ଯ୍ୟନ୍ତ ଏକ ମେମୁ ଟ୍ରେନ୍ ଚଳାଚଳ କରିବ। ତେବେ ଏଥିପାଇଁ ଭିତ୍ତିଭୂମିର ଅଭାବ ଓ ନିରାପତ୍ତା ଆୟୁକ୍ତଙ୍କ ତଦାରଖ ଆବଶ୍ୟକ ଥିବା ଏଥିରେ ସୂଚନା ଦିଆଯାଇଥିଲା। ମାତ୍ର ଗୁରୁବାର ତାଙ୍କୁ ଅନ୍ୟ ପୂର୍ବତଟ ରେଳପଥ ବିଭାଗ ପକ୍ଷରୁ ମିଳିଥିବା ଏକ ଚିଠି ନଂ. ଡବ୍ଲ୍ୟୁ ୪/ସିଜିଇରେ ପୂର୍ବ ବାକ୍ୟ ଦୋହରାଯାଇଛି। ଏଥିସହ ଇତିମଧ୍ୟରେ ଗୋଟିଏ ଥର ନିରାପତ୍ତା ଆୟୁକ୍ତ ତନଖି କରାଯାଇଥିବା ଦର୍ଶାଯାଇଛି। ତନଖି ରିପୋର୍ଟକୁ ଅପେକ୍ଷା ରହିଥିବା ଏହି ଚିଠିରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ଗୌତମ କୁମାର ବେହେରା କହିଛନ୍ତି, ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ ଲାଇନରେ ଭାୟା କେନ୍ଦ୍ରାପଡ଼ା ଜିଲା ମଧ୍ୟ ଦେଇ ୨୦୨୦ ଜୁଲାଇ ୨୪ରେ ପ୍ରଥମ ପଣ୍ୟବାହୀ ରେଳ ଗଡିଥିଲା। ଏହାକୁ ଇତିମଧ୍ୟରେ ପ୍ରାୟ ସାଢେ ୩ ବର୍ଷ ହୋଇଛି। ଅଦ୍ୟାବଧି ଯାତ୍ରୀବାହୀ ରେଳ ଗଡିନାହିଁ। ୧୯୯୬– ୯୭ ଆର୍ଥିକ ବର୍ଷରେ ଏହି ରେଳ ଲାଇନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଦୀର୍ଘଦିନ ଧରି ଏହି ପ୍ରକଳ୍ପ ପଡ଼ି ରହିବା ପରେ ରେଳପଥ ସମ୍ପୂର୍ଣ୍ଣ ନିର୍ମାଣ ହୋଇଛି। ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ରେଳ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଯୁବକ ସଂଘ ପକ୍ଷରୁ ବାରମ୍ବାର ସ୍ମାରକପତ୍ର ଦିଆଯାଉଛି। ଖୁବ୍‌ଶୀଘ୍ର ଭିତ୍ତିଭୂମି ତଦାରଖ ପରେ ମେମୁ ଟ୍ରେନ ଚଳାଚଳ କରିବ ନେଇ ଜିଲାବାସୀ ଆଶାବାଦୀ ଅଛନ୍ତି। ଏ ନେଇ କଂଗ୍ରେସ ନେତା ସୌମେନ୍ଦ୍ର ପୃଷ୍ଟି କହିଛନ୍ତି, ୨୦୨୧ରେ ଜିଲା କଂଗ୍ରେସ ପକ୍ଷରୁ ରେଳମନ୍ତ୍ରୀ, ରାଜ୍ୟପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ଦିଆଯାଇଥିଲା। ଏଥିସହ ନଭେମ୍ବର ୯ରେ ରେଳରୋକୋ କରାଯାଇଥିଲା। ୨୦୨୦ରେ କରୋନା ସଂକ୍ରମଣ ଆରମ୍ଭ ପରେ ଏହି ଜିଲାକୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଫେରିଥିଲେ। ସେମାନଙ୍କ ଯାତ୍ରା ପଥର କଷ୍ଟ ସମ୍ପର୍କରେ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଛି। ଜିଲାରୁ ଏତେ ସଂଖ୍ୟକ କର୍ମଜୀବୀ ବାହାରକୁ ଯାଉଥିବା ବେଳେ ଜିଲାରୁ ରେଳ ଚଢ଼ିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ଜିଲାର କର୍ମଜୀବୀ ରେଳରେ ଚଢ଼ି ବାହାରକୁ ଯିବାକୁ ହେଲେ ନିକଟସ୍ଥ ପାରାଦୀପ, କଟକ ଅଥବା ହରିଦାସପୁର ରେଳ ଷ୍ଟେଶନକୁ ଯିବାକୁ ପଡୁଛି। ତୁରନ୍ତ କେନ୍ଦ୍ରାପଡ଼ା ଜିଲାରେ ରେଳ ଚଳାଚଳ ପାଇଁ ଦାବି କରାଯାଉଥିବା ମତ ଦେଇଛନ୍ତି। ସାମାଜିକ କର୍ମୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି, ଯାତ୍ରୀବାହୀ ରେଳ ଚଳାଚଳ ପାଇଁ କେନ୍ଦ୍ରାପଡ଼ାବାସୀ ଅପେକ୍ଷା କରିଛନ୍ତି। ଓଡ଼ିଶାରୁ ରାଜ୍ୟ ସଭା ସଦସ୍ୟ ହୋଇଯାଇଥିବା ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ପଦବୀ ମିଳିବା ପରେ ଏହି ଦାବିକୁ ତୀବ୍ର କରାଯାଇଛି। ଯାତ୍ରୀବାହୀ ରେଳ ଚଳାଚଳ ଫଳରେ କେନ୍ଦ୍ରାପଡ଼ାବାସୀ ଯାତାୟାତ ସମସ୍ୟାର ସମାଧାନ ହେବା ସହ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସୁଯୋଗ ମିଳିପାରିବ। ଏ ସମ୍ପର୍କରେ ପୂର୍ବତନ ରେଳପଥର ପ୍ରଶାସନିକ ଅଧିକାରୀ ନିରାକାର ଦାସଙ୍କୁ ପଚାରିବାରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ସରିନାହିଁ। ଷ୍ଟେଶନ ଓ ସିଗ୍‌ନାଲ ସିଷ୍ଟମକୁ ଭଲ ଭାବେ ପରୀକ୍ଷା ପରେ ଟ୍ରେନ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

DSPL - 568

ଓଡ଼ିଶା ସରକାର

**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

# ନୀଳମାଧବ ବିକାଶ ପ୍ରକଳ୍ପ କାମ ତ୍ୱରାନ୍ୱିତ

**ଖଣ୍ଡପଡ଼ା, ୧୫।୨**
**(ଅଜୟ କୁମାର ମହାରଣା)**

■ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ତତ୍ପରତା
■ ଖବର ପ୍ରକାଶନ ପରେ ପୁରାତନ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ଗୁରୁତ୍ୱ


ମନ୍ଦିରର ରକ୍ଷଣାବେକ୍ଷଣ କାର୍ଯ୍ୟ ଚାଲୁଛି।

ଚଳିତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ୍ଟିଲୋ ନୀଳମାଧବ ପୀଠକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ନୀଳମାଧବ ବିକାଶ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରାଯାଇଛି।

୨୦୨୨ ମେ'ରୁ ନୀଳମାଧବ ବିକାଶ ପ୍ରକଳ୍ପ ନିମନ୍ତେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିଲା। ସଂପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିକାଶ ପ୍ରକଳ୍ପ କାମ ଚଳଚଞ୍ଚଳ ହୋଇଉଠିଛି। ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଓବିସିସି କାର୍ଯ୍ୟ ନିର୍ବାହୀ ସଂସ୍ଥାର ତତ୍ପରତା ପରିଲକ୍ଷିତ ହୋଇଛି। ତେବେ ନୀଳମାଧବ ମନ୍ଦିର ସହ ବିଭିନ୍ନ ପାର୍ଶ୍ୱ ମନ୍ଦିରର ଦୁରାବସ୍ଥା ଓ ମନ୍ଦିରରେ ଫାଟ ସୃଷ୍ଟି ହୋଇଥିବା ଖବର ଗତ ୧୧ ତାରିଖ ଧରିତ୍ରୀରେ 'ନୀଳମାଧବ ମନ୍ଦିରରେ ଫାଟ' ଶୀର୍ଷକରେ ପ୍ରକାଶ ପାଇବା ପରେ ନୀଳମାଧବ ବିକାଶ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଓବିସିସି ସଂସ୍ଥାର ତତ୍ପରତା ପ୍ରକାଶ ପାଇଛି। ଅପରପକ୍ଷେ ରାଜ୍ୟରେ ଥିବା ବିଭିନ୍ନ ମଠ, ମନ୍ଦିର ଆଦିର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଥିବା ବେଳେ ନୀଳମାଧବ ମନ୍ଦିରର ବିଭିନ୍ନ କ୍ଷୟକ୍ଷତି ସମ୍ପର୍କରେ ସବୁ ଜାଣିଶୁଣି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କ୍ଷୟକ୍ଷତିର ସୁରକ୍ଷା ତଥା ରକ୍ଷଣାବେକ୍ଷଣ କରିବାକୁ ନୀଳମାଧବ ବିକାଶ ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଥିବା ସଂପୃକ୍ତ ସଂସ୍ଥାକୁ ବାରମ୍ବାର ଅଭିଯୋଗ କରାଯାଇଥିବା ବେଳେ ସଂପୃକ୍ତ ସଂସ୍ଥା ଏସବୁର କାର୍ଯ୍ୟ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗର ଆଳ ଦେଖାଇ ଅଭିଯୋଗକୁ ଏଡାଇ ଯାଇଥିଲା। ମାତ୍ର ବିଭିନ୍ନ ମହଲରୁ ବିଶେଷ କରି ନୀଳମାଧବ ପୂଜକ ସମାଜ ପକ୍ଷରୁ ଏ ସମ୍ପର୍କରେ ଗତ ୮ ତାରିଖରେ ବିକାଶ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ନିମନ୍ତେ ଆସିଥିବା ଓବିସିସି ସଚିବ ଭି. ଭି. ଯାଦବଙ୍କୁ ଭେଟି ଏ ନେଇ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଅଭିଯୋଗ କ୍ରମେ ମନ୍ଦିରରେ ସୃଷ୍ଟି ହୋଇଥିବା ଫାଟ ଓ ବିଭିନ୍ନ କ୍ଷୟକ୍ଷତିର ଆବଶ୍ୟକ ରକ୍ଷଣାବେକ୍ଷଣ ନିମନ୍ତେ ଗୁରୁବାରଠାରୁ କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ବଜ୍ରପାତ ଓ ଘଡଘଡି ପ୍ରଭାବରେ ନୀଳମାଧବ ମନ୍ଦିର ଚୂଡ଼ା(ଦଧି ନଉତି) ତଥା ନୀଳଚକ୍ର ଦକ୍ଷିଣପାର୍ଶ୍ୱ ଅଁଳା ବେଢାରେ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ମନ୍ଦିର ପୂର୍ବ ପାର୍ଶ୍ୱରେ ଥିବା ବଟ ଗଣେଶ ମନ୍ଦିର ସଂଲଗ୍ନ ରୋଷ ବେଢା କାନ୍ଥରେ ଫାଟ ସୃଷ୍ଟି ହୋଇଛି। ମୁଖ୍ୟ ମନ୍ଦିର ଦୂର୍ଗା ମୋହନ ଦକ୍ଷିଣ ପାର୍ଶ୍ୱ କବାଟ ଠାରେ ଓ ଗରୁଡ଼ ମୋହନର ଉଭୟ ପ୍ରବେଶ ଦ୍ୱାର ଠାରେ ଫାଟ ସୃଷ୍ଟି ହୋଇ ବର୍ଷା ସମୟରେ ପାଣି ଗଳୁଛି। ବିମଳାଙ୍କ ମନ୍ଦିର ଅଗ୍ର ଭାଗରେ ଫାଟ ସୃଷ୍ଟି ହେବା ସହ ଏକାଧିକ ମନ୍ଦିରର ନୀଳଚକ୍ର ଭାଙ୍ଗି ଯାଇଛି। ଏହାଛଡା ମୂଳ ମନ୍ଦିର ସିଂହର ମୁଣ୍ଡଟି ଭାଙ୍ଗି ଯାଇଛି। ବିଭିନ୍ନ ମନ୍ଦିରରେ ଧଳା ରଙ୍ଗ କରା ନ ଯାଇ ବିବିଧ ସ୍ଥାୟୀ ରଙ୍ଗ ଦ୍ୱାରା ସୁସଜ୍ଜିତ କରିବା, ମହାପ୍ରଭୂଙ୍କ ଦୟଣାଚୋରି ବଗିଚାରେ ଥିବା ପୁଷ୍କରିଣୀର ପରିସୀମାକୁ ସଙ୍କୁଚିତ କରାଯାଉଥିବାରୁ ଭବିଷ୍ୟତରେ ଠାକୁରଙ୍କ ନୀତିରେ ବିଶୃଙ୍ଖଳା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଐତିହାସିକ ପୀଠ ଅବହେଳିତ ହୋଇ ପଡିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସ୍ତ୍ରୀଙ୍କ ବିରୋଧରେ ମାନସିକ ନିର୍ଯାତନା ଅଭିଯୋଗ ଆଣିଲେ ଅଭିନେତା ନୀତୀଶ ଭରଦ୍ୱାଜ

**ଭୋପାଳ, ୧୫।୨**

ଟିଭି ସିରିଏଲ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜୁତି କରିଥିବା ଜଣାଶୁଣା ଅଭିନେତା ନୀତୀଶ ଭରଦ୍ୱାଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଆଇଏଏସ୍ ସ୍ତ୍ରୀ ସ୍ମିତା ଭରଦ୍ୱାଜଙ୍କ ବିରୋଧରେ ଥାନାରେ ଏଫ୍ଆଇଆର ରୁଜୁ କରିଛନ୍ତି। ସ୍ମିତା ତାଙ୍କୁ ଦୀର୍ଘ ଦିନ ହେଲା ମାନସିକ ନିର୍ଯାତନା ଦେଇ ଆସୁଥିବା ନେଇ ନିଜ ଅଭିଯୋଗ ପତ୍ରରେ ନୀତୀଶ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ସେ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଏହି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଭୋପାଳ ପୋଲିସ କମିଶନରଙ୍କୁ ଇ ମେଲ ଜରିଆରେ ସହାୟତା ମାଗିଛନ୍ତି ନୀତୀଶ। ନୀତୀଶଙ୍କ ଅଭିଯୋଗ ଆଧାରରେ ଭୋପାଳ ପୋଲିସ କମିଶନର ମାମଲାର ଯାଞ୍ଚ ଆଦେଶ ଦେଇଛନ୍ତି। ଜଣେ ଅତିରିକ୍ତ ଡିସିପିଙ୍କୁ ମାମଲା ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବି. ଆର. ଚୋପ୍ରାଙ୍କ ନିର୍ଦ୍ଦେଶିତ 'ମହାଭାରତ'ରେ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରି ନୀତିଶ ଘରେ ଘରେ ବେଶ୍ ପରିଚିତ ହୋଇ ପାରିଥିଲେ। ଆଜି ବି ଫ୍ୟାନ୍ସ ତାଙ୍କୁ ଶ୍ରୀକୃଷ୍ଣ ଭୂମିକା ପାଇଁ ମନେ ପକାଉଛନ୍ତି। ୨୦୦୯ ମସିହା ମାର୍ଚ୍ଚ ୧୪ ତାରିଖରେ ଆଇଏଏସ୍ ଅଫିସର ସ୍ମିତାଙ୍କୁ ନୀତୀଶ ଦ୍ୱିତୀୟ ବିବାହ କରିଥିଲେ। ପରେ ୨୦୨୨ରେ ଦୁହେଁ ଉଭୟଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ସ୍ମିତା ତାଙ୍କର କନ୍ୟାଙ୍କ ସହିତ ଇନ୍ଦୋରରେ ରହୁଛନ୍ତି।

## ପୁରୁଣା ପେନସନ ଲାଗୁ ଦାବି ଜୋର ଧରିଲା

**ନୟାଗଡ଼, ୧୫।୨ (ଲୋକନାଥ ମିଶ୍ର)**

**୧୮ରେ ରାଜଧାନୀରେ ବିଶାଳ ଆନ୍ଦୋଳନ**

ପୁରୁଣା ପେନସନ ଲାଗୁ କରିବାର ଦାବି ଜୋର ଧରିଛି । ଏନେଇ ଚଳିତ ମାସ ୧୮ରେ ରାଜଧାନୀ ଭୁବନେଶ୍ୱରଠାରେ ପୁରୁଣା ପେନସନ ଦାବିରେ ଏକ ବିଶାଳ ଆନ୍ଦୋଳନ ହେବ। ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ନୂତନ ପେନସନ ଭୁକ୍ତ ସରକାରୀ କର୍ମଚାରୀମାନେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବେ। ଏ ନେଇ ନୟାଗଡ଼ ଜିଲାରେ ଏକ ଆଭାସୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନକୁ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୫ ପରେ ନିଯୁକ୍ତ ସମସ୍ତ ବର୍ଗର ସରକାରୀ କର୍ମଚାରୀଙ୍କୁ ନୂତନ ପେନସନ ଯୋଜନାରେ ସାମିଲ କରି ପେନସନ ଦେବାର ବ୍ୟବସ୍ଥା କରିଛନ୍ତି। ତେବେ ନୂତନ ପେନସନ ବ୍ୟବସ୍ଥାରେ ଜଣେ କର୍ମଚାରୀ ସର୍ବନିମ୍ନ କେତେ ପେନସନ ପାଇବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ନୂତନ ପେନସନ ଯୋଜନାରେ ଜଣେ ସରକାରୀ କର୍ମଚାରୀଙ୍କ ଦରମାର ୧୦ପ୍ରତିଶତ ଅର୍ଥ କଟାଯାଇ ପୁଞ୍ଜି ବଜାରରେ ବିନିଯୋଗ ହୋଇଥାଏ। ଜମା ହୋଇଥିବା ପୁଞ୍ଜି ବଜାରର ବୃଦ୍ଧି ହ୍ରାସ ହାର ବିଚାରକୁ ନେଇ ପେନସନ ହେବ। ନୂଆ ପେନସନ ଯୋଜନାରେ ଜଣେ ସରକାରୀ କର୍ମଚାରୀ ଅବସର ପରେ ନିଜର ଗୁଜୁରାଣ ତଥା ସାମାଜିକ ସୁରକ୍ଷା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟ ସରକାର ତୁରନ୍ତ ପୁରୁଣା ପେନସନ ଯୋଜନା ଲାଗୁ କରିବା ପାଇଁ କର୍ମଚାରୀମାନେ ଦାବି କରିଛନ୍ତି।

## ଆଜିଠୁ ଯୁକ୍ତ୨ ପରୀକ୍ଷା

**ଖଣ୍ଡପଡ଼ା, ୧୫।୨ (ଅଜୟ କୁମାର ମହାରଣା)**

ଶୁକ୍ରବାରଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରୀକ୍ଷା ଆରମ୍ଭ ହେବ। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ପରିଚାଳନାରେ ସମସ୍ତ କର୍ମଚାରୀ ସହଯୋଗ କରିବା ପାଇଁ ଅଧ୍ୟକ୍ଷ ତ୍ରିପାଠୀ ନିବେଦନ କରିଥିଲେ। ସରକାରଙ୍କ ସମସ୍ତ ନୀତି ନିୟମକୁ ଠିକ ଭାବେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପାଳନ କରିବାକୁ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ସୁଜଳ କୁମାର ମହାରଣା ଅବଗତ କରାଇଥିଲେ। ଉକ୍ତ କଲେଜର ସମୁଦାୟ ୩୫୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଅଧ୍ୟକ୍ଷ ତ୍ରିପାଠୀଙ୍କ ଠାରୁ ସୂଚନା ମିଳିଛି। ଅଧ୍ୟାପକ ରମେଶ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସରକାରଙ୍କ ଯୋଜନା ବଖାଣିଲେ ବିଧାୟକ

**ଗଣିଆ, ୧୫।୨ (ସନ୍ତୋଷ କୁମାର ପ୍ରଧାନ)**

**ଛାମୁଣ୍ଡିଆ, ରାସଙ୍ଗରେ ସଚେତନତା ସଭା**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ଗୁରୁବାର ଆମ ଓଡିଶା, ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତିଙ୍କ ସଭାପତିତ୍ୱରେ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ବିଦ୍ୟାପୀଠ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ସମ୍ମାନୀତ ଅତିଥି ଭାବେ ବିଡିଓ ଡମ୍ବରୁଧର ମଲ୍ଲିକ ,ବ୍ଲକ ଉପାଧକ୍ଷ ରାଜକିଶୋର ସାହୁ , ଜିଲା ପରିଷଦ ସଭ୍ୟ ନରେଶ ବେହେରା, ଜିପିଇଓ ପ୍ରମୋଦ କୁମାର ସାହାଣୀ, ଛାମୁଣ୍ଡିଆ ସମିତି ସଭ୍ୟା ସସ୍ମିତା ଦଳେଇ, କିଶୋରପ୍ରସାଦ ସରପଞ୍ଚ ରୀତାରାଣୀ ବେହେରା, ଛାମୁଣ୍ଡିଆ ପିଇଓ ମଳୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରେ ଗରିବ ,ନିରୀହ ଜନସାଧାରଣଙ୍କୁ କିଭଳି ବିଭିନ୍ନ ସହାୟତା ପ୍ରଦାନ କରିଆସୁଛନ୍ତି ସେ ନେଇ ଅତିଥିମାନେ ଆଲୋକପାତ କରିଥିଲେ। ଖବରଦାତା ସମୀର କୁମାର ବେହେରା ମଞ୍ଚ ସଂଯୋଜନା କରିଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ୮ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସେହିପରି ରାସଙ୍ଗ ପଞ୍ଚାୟତ କାଦୁଆ ତୋଟା ପରିସରରେ ସରପଞ୍ଚ ମାନସ କୁମାର ମହାଖୁଡଙ୍କ ସଭାପତିତ୍ୱରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖଣ୍ଡପଡ଼ା ମୋ ବସଷ୍ଟାଣ୍ଡ ଲୋକାର୍ପିତ



**ଖଣ୍ଡପଡ଼ା, ୧୫।୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହର ୧୩ନଂ. ୱାର୍ଡ ଉମାଦେବୀ ସାହି ଠାରେ ନବ ନିର୍ମିତ ମୋ ବସଷ୍ଟାଣ୍ଡକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପୂର୍ବାହ୍ନରେ ଖଣ୍ଡପଡ଼ାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ବିଡିଓ ଅଙ୍କୁର ଅଭିଳାଷ, ମହିଳା ସଭାନେତ୍ରୀ ମିନତୀ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦୀର୍ଘ ବର୍ଷ ପରେ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହୋଇଥିବା ନେଇ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ପରିବହନ ଓ ଗମନାଗମନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ୫.୫୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୋଲିସ ହାଉସିଂ ବୋର୍ଡ ଦ୍ୱାରା ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ବସଷ୍ଟାଣ୍ଡରେ ଅତ୍ୟାଧୁନିକ ଆଲୋକୀକରଣ ବ୍ୟବସ୍ଥା ସାଙ୍ଗକୁ ଶୀତତାପ ନିୟନ୍ତ୍ରିତ ଯାତ୍ରୀ ବିଶ୍ରାମାଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଚାଳକ ବିଶ୍ରାମାଗାର, ମୋବାଇଲ ଚାର୍ଜିଂ, ବସ ଟର୍ମିନାଲ ଏବଂ କାଫେ ଆଦିର ବ୍ୟବସ୍ଥା ରହିଛି।

## ରଣପୁର ମୋ ବସଷ୍ଟାଣ୍ଡ ଉଦ୍‌ଘାଟିତ

**ରଣପୁର, ୧୫।୨ (ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେରେ ୩କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଓଏସ୍ଆରଟିସିର ମୋ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଗୁରୁବାର ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ, ଏନ୍ଏସି ଅଧ୍ୟକ୍ଷ ରଙ୍ଗୀନ ମହାନ୍ତିଙ୍କ ସହ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଜନ ସାଧାରଣ ଉପସ୍ଥିତ ଥିଲେ । ଏହି ବସଷ୍ଟାଣ୍ଡର ନିର୍ମାଣ ଦାୟିତ୍ୱ ପୋଲିସ ହାଉସିଂ କର୍ପୋରେଶନ ତୁଲାଉଥିବା ବେଳେ ଲୋକାର୍ପଣ ପରେ ଉକ୍ତ ବସ୍‌ଷ୍ଟାଣ୍ଡକୁ ଓଏସଆରଟିସିକୁ ହସ୍ତାନ୍ତର କରାଯାଇଛି ।

# ୩ ଦିନରେ ପହଞ୍ଚିଲା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଆନ୍ଦୋଳନ

**ନୟାଗଡ଼, ୧୫।୨ (ଲୋକନାଥ ମିଶ୍ର)**

ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନ କ୍ରମେ ନୟାଗଡ଼ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଚାଲୁ ରହିଛି। ୬ ଦଫା ଦାବି ପୂରଣ ନେଇ ୩ ଦିନ ହେଲା ଗ୍ରାମ୍ୟ କୃଷି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାର କୌଣସି ସମାଧାନର ମାର୍ଗ ବାହାରିନି।

ପ୍ରକାଶଯେ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡ଼ର ପୁନର୍ଗଠନ, ଗ୍ରେଡ ପେ ୪୨୦୦କୁ ବୃଦ୍ଧି, ପଦବୀର ନାମ ପରିବର୍ତ୍ତନ ଦାବି ରହିଛି। ସେହିପରି ମୋଟର ସାଇକେଲ ଭତ୍ତା, ଲ୍ୟାପ୍‌ଟପ୍ ଓ ଟାବଲେଟ ଦେବାର ବ୍ୟବସ୍ଥା କରାଇବା, ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ପ୍ରବେଶସ୍ତର ଯୁକ୍ତ ୩ ବିଜ୍ଞାନ ରଖିବା ଅନୁରୂପ ଦାବି ପୂରଣ ପାଇଁ ଗତ ଫେବୃଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଭାଗୀୟ ଅନ୍‌ଲାଇନ କାର୍ଯ୍ୟକୁ ଗ୍ରାମ୍ୟ କୃଷି କର୍ମଚାରୀ ବର୍ଜନ କରିଥିଲେ । ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବାରୁ ଗତ ୧୩ ତାରିଖ ଠାରୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଚାଲିଛି। ଧାରଣା ଚଳିତମାସ ୧୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ୬ ଦଫା ଦାବି ପୂରଣ ନ ହେଲେ ୨୦ ରୁ ରାଜ୍ୟ କୃଷି ଭବନ ସମ୍ମୁଖରେ ଗ୍ରାମ୍ୟ କୃଷି କର୍ମଚାରୀ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆନ୍ଦୋଳନକୁ ଜିଲା ସଂଘ ତରଫରୁ ସଭାପତି ସୂର୍ଯ୍ୟ ନାରାୟଣ ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ବିକାଶ କୁମାର ପଣ୍ଡା, ଦୀପକ କୁମାର ପ୍ରଧାନ, ସରିତା ନାୟକ, ଦିବ୍ୟପ୍ରୀତି କେରକେଟା, ମିଳନ କୁମାର ପ୍ରଧାନ ପ୍ରମୁଖ ସମର୍ଥନ କରିବା ସହିତ ସାମିଲ ହୋଇଛନ୍ତି।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଧାରଣା ଦେଇଛନ୍ତି।

DSPL - 568

ଓଡ଼ିଶା ସରକାର



**ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା**

ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



**ବାର୍ତ୍ତା**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଈପ୍‌ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

